# ସ୍ୱାସ୍ଥ୍ୟ ସେବା ଶିବିର

ଭଦ୍ରକ,୨୬।୯(ସନାତନ ରାଉତ)

ଭଦ୍ରକ ବ୍ଲକ ଅର୍ଣ୍ଣପାଳସ୍ଥିତ ମାୟାନିଦ୍ରା ଫାଉଣ୍ଡେଶନ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସିଜିଏଚ୍ଏସ୍‌ର ପୂର୍ବତନ ନିର୍ଦ୍ଦେଶକ ଡା. ଶ୍ରୀକାନ୍ତ ବାରିକ, ପୂର୍ବତନ ରେଳବାଇ ଇଏନ୍‌ଟି ଡା. ପ୍ରେମାନନ୍ଦ ନାୟକ ଓ ଦନ୍ତ ଚିକିତ୍ସକ ଡା. ସୁଶ୍ରୀ ସଙ୍ଗୀତା ସାହୁ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶତାଧିକ ରୋଗୀଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ବ୍ୟାଙ୍କ ଅଧିକାରୀ ବସନ୍ତ ଦାଶ, ଶିକ୍ଷାବିତ୍ ବାଦଲ ମହାପାତ୍ର, ପ୍ରଫେସର ନିରଞ୍ଜନ ବାରିକ, ସ୍ୱେଚ୍ଛାସେବୀ ବସନ୍ତ ବାରିକ, ରାଜେନ୍ଦ୍ର ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଲାବ୍ ଟେକ୍ନିସିଆନ ଆପୁ ବାବୁ ରକ୍ତ ପରୀକ୍ଷାରେ ସହାୟତା କରିଥିଲେ। ଅର୍ଣ୍ଣପାଳ ନିବାସୀ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମାୟାଧର ବାରିକ୍ ଓ ତାଙ୍କ ସ୍ତ୍ରୀ ସମାଜସେବୀ ନିଦ୍ରାବତୀ ବାରିକ୍‌ଙ୍କ ସ୍ମୃତିରେ ଫାଉଣ୍ଡେଶନ ପକ୍ଷରୁ ସେବା କାର୍ଯ୍ୟ କରାଯାଉଛି।

# ଦୋକାନ ଖୋଲିପାରୁନାହାନ୍ତି ବ୍ୟବସାୟୀ

**ଜଳଘେରରେ ଭେଣ୍ଡିଂଜୋନ୍**

ବାସୁଦେବପୁର,୨୬।୯ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ପକ୍ଷରୁ ହାଇସ୍କୁଲ ଛକ ନିକଟରେ ନିର୍ମିତ ଭେଣ୍ଡିଂଜୋନ୍ ଆଗରେ ଏବେ ବର୍ଷାଜଳ ଜମି ରହିଛି। ୩/୪ ଦିନ ହେବ ଲଘୁଚାପଜନିତ ବର୍ଷା ହେବା ଫଳରେ ଭେଣ୍ଡିଂଜୋନ୍ ସଂଲଗ୍ନ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଏହା ଏବେ ଜଳଘେରରେ ରହିଛି। ବାସୁଦେବପୁର ସହରରେ ବ୍ୟବସାୟୀଙ୍କ ପାଇଁ ନିର୍ମାଣ ହୋଇଥିବା ଏହି ଦୋକାନ ଗୃହ ବ୍ୟବସାୟୀଙ୍କୁ ବଣ୍ଟନ କରାଯାଇଛି। ଅସରାଏ ବର୍ଷାରେ ଦୋକାନ ଆଗରେ ବର୍ଷାଜଳ ଜମି ରହିଥିବାରୁ



ଭେଣ୍ଡିଂଜୋନ୍ ଆଗରେ ବର୍ଷାପାଣି ଜମି ରହିଛି।

ବ୍ୟବସାୟୀମାନେ ଦୋକାନ ଖୋଲିପାରୁ ନାହାନ୍ତି। ବର୍ଷାଜଳ ଜମି ରହୁଥିବାରୁ କୌଣସି ଗ୍ରାହକ ପାଣିରେ ପଶି ଦୋକାନକୁ ସାମଗ୍ରୀ କିଣିବାକୁ ଆସୁନାହାନ୍ତି। ଫଳରେ ଦୋକାନୀମାନଙ୍କ ସାମଗ୍ରୀ ବନ୍ଦ ଦୋକାନ ମଧ୍ୟରେ ନଷ୍ଟ ହେଉଥିବା ବେଳେ ସେମାନେ ବ୍ୟାପକ ପରିମାଣରେ ଆର୍ଥିକ କ୍ଷତିରେ ପଡୁଥିବା କହିଛନ୍ତି।
ପୌରପାଳିକା ଦୋକାନୀଙ୍କଠାରୁ ମାସିକ ଭଡ଼ା ନେଉଥିବା ବେଳେ ସେମାନଙ୍କ ମୌଳିକ ଆବଶ୍ୟକତା ଓ ଜଳ ନିଷ୍କାସନ ଦିଗରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଦୋକାନୀ ଓ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜଳ ନିଷ୍କାସନର ବାଟ ଖୋଜାଯାଉ ନ ଥିବାରୁ ସପ୍ତାହେ ସପ୍ତାହେ ଧରି ଭେଣ୍ଡିଜୋନ୍ ସାମ୍ନାରେ ଜମି ରହୁଥିବା ପାଣିରେ ପଶି କେତେକ ବ୍ୟବସାୟୀ ଦୋକାନକୁ ଯାଆସ କରିବାକୁ ବାଧ ହେଉଛନ୍ତି। ଏ ଦିଗରେ ପୌରପାଳିକା ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜଳ ନିଷ୍କାସନ ଦିଗରେ ପଦକ୍ଷେପ ନେବାକୁ ବ୍ୟବସାୟୀଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ଜମି ରହିଥିବା ବର୍ଷାଜଳ ନିଷ୍କାସନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ କହିଛନ୍ତି।

**ଜାତୀୟସ୍ତରୀୟ ଉପକନିଷ୍ଠ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା**

# ଭଦ୍ରକର ବି. ଲକ୍ଷ୍ମୀ ମନୋନୀତ

ଭଦ୍ରକ,୨୬।୯ (ସନାତନ ରାଉତ)

ଝାଡ଼ଖଣ୍ଡ ରାଞ୍ଚିର ଠାକୁର ବିଶ୍ୱନାଥ ଇନ୍‌ଡୋର ଷ୍ଟାଡିୟମରେ ଜାତୀୟ ଉପକନିଷ୍ଠ ବ୍ୟାଡ୍‌ମିଣ୍ଟନ (୧୩ବର୍ଷରୁ କମ୍) ପ୍ରତିଯୋଗିତା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା ଟିମ୍‌ରେ ଭଦ୍ରକର ବି .ଲକ୍ଷ୍ମୀ ରେଡ୍ଡୀ ମନୋନୀତ ହୋଇଛନ୍ତି। ଅକ୍ଟୋବର ୧ରେ ପ୍ରତିଯୋଗିତା ଶେଷ ହେବ।
ବି .ଲକ୍ଷ୍ମୀ ଭଦ୍ରକ ବଙ୍କସାହିର ପୀତାମ୍ବର ରେଡ୍ଡୀ ଓ ବି. ଜଗଦେଶ୍ୱରୀ ରେଡ୍ଡୀଙ୍କ ଝିଅ। ସେ ଏସ୍‌ବିଡି ଇଣ୍ଟର ନ୍ୟାଶନାଲ ସ୍କୁଲର ୭ମ ଶ୍ରେଣୀ ଛାତ୍ରୀ। ସେ ଭୁବନେଶ୍ୱରସ୍ଥିତ ସାଇ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ଅଭ୍ୟାସ ଜାରି ରଖିଛନ୍ତି। ଜାତୀୟ ପ୍ରତିଯୋଗିତା ପାଇଁ ସେ ମନୋନୀତ ହୋଇଥିବାରୁ ଏସ୍‌ବିଡି ସ୍କୁଲର ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା,



ବି. ଲକ୍ଷ୍ମୀ ରେଡ୍ଡୀ।

ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ, କ୍ରୀଡ଼ା ଶିକ୍ଷକ ମନୋଜ କୁମାର ସାହୁ ଓ ଅପୁ ମଣ୍ଡଳ ଶୁଭେଚ୍ଛା ଜଣାଇଛନ୍ତି।

# ବରିଷ୍ଠ ରାଜନେତା ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ ପରଲୋକ

ଭଦ୍ରକ,୨୬।୯(ସନାତନ ରାଉତ)

ଭଦ୍ରକ ଜିଲାର ବରିଷ୍ଠ ରାଜନେତା ଲକ୍ଷ୍ମୀନାରାୟଣ ମହାପାତ୍ର(୭୬)ଙ୍କ ବୁଧବାର ରାତିରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। କିଡ୍‌ନୀଜନିତ ସମସ୍ୟା ଯୋଗୁ ଅସୁସ୍ଥ ଥିବାରୁ ୫ଦିନ ତଳେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁଅ ପୂର୍ବତନ କାଉନସିଲର ଶୁଭଙ୍କର ମହାପାତ୍ର ଉପସ୍ଥିତ ଥିଲେ। ଲକ୍ଷ୍ମୀନାରାୟଣ ଅଣକଂଗ୍ରେସରୁ ଛାତ୍ର ରାଜନୀତି ଆରମ୍ଭ କରିଥିଲେ। ଭଦ୍ରକ କଲେଜ ଛାତ୍ରସଂସଦ ସଭାପତି ଓ ବାଣୀବିହାର ଛାତ୍ରସଂସଦର ସାଧାରଣ ସମ୍ପାଦକ ଥିଲେ। ଏବିଭିପିକୁ ମଜଭୁତ କରିବାରେ ତାଙ୍କର ବହୁ ଅବଦାନ ଥିଲା। ତତ୍କାଳୀନ ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହଙ୍କୁ ଭଦ୍ରକରେ କଳାପତାକା ଦେଖାଇ ଚର୍ଚ୍ଚାରେ ରହିଥିଲେ। ସେ ବିଜେଡିର ବୟୋଜ୍ୟେଷ୍ଠ ନେତା ଥିଲେ। ଗତ ୫ ତାରିଖରେ ତାଙ୍କ ସ୍ତ୍ରୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସବିତା ମହାନ୍ତିଙ୍କ ପରଲୋକ ହୋଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟ ଅଧିକ ବିଗିଡ଼ିଯାଇଥିଲା। ଗୁରୁବାର ମୃତଦେହ କୁଆଁସସ୍ଥିତ ତାଙ୍କ ବାସଭବନରେ ପହଞ୍ଚିବା ପରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଏମ୍‌ପି ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ଅଶୋକ ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଏମ୍‌ପି ମଞ୍ଜୁଲତା

**ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ**


ଲକ୍ଷ୍ମୀନାରାୟଣ ମହାପାତ୍ର

ମଣ୍ଡଳ, ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ୍, ପୂର୍ବତନ ପିସିସି ସଭାପତି ଜୟଦେବ ଯେନା, ପୂର୍ବତନ ବିଧାୟକ ନରେନ ପଲେଇ, ଅଜୟ ନାୟକ, ଡା. ପ୍ରଦୀପ ନାୟକ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ଯୁବନେତା ଜ୍ୟୋତି ପ୍ରକାଶ ମହାନ୍ତି, ଆଇନଜୀବୀ ଅତିଶ ବେହେରା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶେଷଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ସହର ପରିକ୍ରମା ପରେ ଶେଷକୃତ୍ୟ କରାଯାଇଥିଲା। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏକ୍ସରେ ଶୋକବାର୍ତ୍ତା ପୋଷ୍ଟ କରିଛନ୍ତି। ସେହିପରି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୋକବ୍ୟକ୍ତ କରିଛନ୍ତି।

# ବୈତରଣୀ ଶଯ୍ୟାରୁ ବିରଳ ବୁଦ୍ଧ ମୂର୍ତ୍ତି ଉଦ୍ଧାର

ଭଣ୍ଡାରିପୋଖରୀ,୨୬।୯ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ପଞ୍ଚାୟତ ମୁଢ଼ାପଦା ଗ୍ରାମ ନିକଟ ବୈତରଣୀ ନଦୀ ଶଯ୍ୟାରୁ ଏକ ବିରଳ ଭୂମିସ୍ପର୍ଶ ବୁଦ୍ଧ ମୂର୍ତ୍ତି ଗୁରୁବାର ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଞ୍ଚଳର ଲୋକେ ବାଲିରେ ସାମାନ୍ୟ ଦୃଶ୍ୟମାନ ମୂର୍ତ୍ତି ଦେଖି ଇନ୍‌ଟାକ୍ ସଦସ୍ୟ ବିଶ୍ୱମ୍ଭର ରାଉତଙ୍କୁ ଯୋଗାଯୋଗ କରିଥିଲେ। ବିଶ୍ୱମ୍ଭର ମୂର୍ତ୍ତିକୁ ଉଦ୍ଧାର କରି ପ୍ରତ୍ନତତ୍ତ୍ୱ ବିଭାଗକୁ ଜଣାଇଥିଲେ। ପ୍ରତ୍ନତତ୍ତ୍ୱବିତ୍ ଡ. ସୁନୀଲ ପଟ୍ଟନାୟକ ମୂର୍ତ୍ତିକୁ ଅନୁଧ୍ୟାନ କରି ଏହା ରତ୍ନଗିରି ବୌଦ୍ଧବିହାର-୧ ଠାରେ ଥିବା ବୃହତ୍ ଭୂମିସ୍ପର୍ଶ ମୁଦ୍ରା ମୂର୍ତ୍ତିର ଅବିକଳ କ୍ଷୁଦ୍ର ବୁଦ୍ଧ ମୂର୍ତ୍ତି ବୋଲି ଚିହ୍ନଟ କରିଥିଲେ। ଏହା ୯ମ ଶତାବ୍ଦୀର ବିରଳ ଭୂମିସ୍ପର୍ଶ ବୁଦ୍ଧ ମୂର୍ତ୍ତି ବୋଲି ସେ ମତ ଦେଇଥିଲେ। ପ୍ରତ୍ନତତ୍ତ୍ୱ ଦୃଷ୍ଟିକୋଣରୁ ଅର୍ଦ୍ଧ ମୁଖ ବିହୀନ


ଉଦ୍ଧାର ହୋଇଥିବା ବୁଦ୍ଧ ମୂର୍ତ୍ତି।

ଦେଢ଼ଫୁଟ୍ ଉଚ୍ଚ ଓ ଦେଢ଼ଫୁଟ୍ ଚଉଡ଼ାର ଏହି ମୂର୍ତ୍ତି ଖଣ୍ଡୋଲାଇଟ ପ୍ରସ୍ତରରେ ନିର୍ମିତ। ବୁଦ୍ଧ ମୂର୍ତ୍ତିଟି ଭୂମିସ୍ପର୍ଶ ମୁଦ୍ରାରେ ଥିବାବେଳେ ଦୁଇପାର୍ଶ୍ୱରେ ପଦ୍ମପାଣି ଓ ବଜ୍ରପାଣି ଚାମର ଧରି ଠିଆ ହୋଇଛନ୍ତି। ରତ୍ନଗିରି ତାମ୍ର ଲେଖା ଅନୁଯାୟୀ ଏହି ମୂର୍ତ୍ତିଟି ଷୋଳମପୁର ବୌଦ୍ଧବିହାର ଅଞ୍ଚଳରେ ବଜ୍ରଯାନ ଉପାସନାର ସ୍ୱତନ୍ତ୍ର ପରିଚୟ ପ୍ରଦାନ କରୁଛି ବୋଲି ଡ. ପଟ୍ଟନାୟକ କହିଛନ୍ତି। ଏହି ମୂର୍ତ୍ତି ହିଁ ଷୋଳମପୁର ବୌଦ୍ଧବିହାରର ବୌଦ୍ଧ ଧର୍ମର ଗୁରୁତ୍ୱପୂର୍ଣ୍ଣ ପୀଠ ବୋଲି ଅଧିକ ଏକ ପ୍ରମାଣ। ମୂର୍ତ୍ତି ସଂରକ୍ଷକ ରାଉତଙ୍କ ଉଦ୍ୟମକ୍ରମେ ସ୍ଥାନୀୟ ବାସିନ୍ଦା ଅନିଲ ମୁଦୁଲି, ଗଜେନ୍ଦ୍ର କୁମାର ମହାନ୍ତି, ପ୍ରଶାନ୍ତ ଧଳ, ସ୍ଥାନୀୟ ଶିଶୁମନ୍ଦିର ଗୁରୁଜୀ ଶରତ କୁମାର ବେଉରିଆଙ୍କ ସହଯୋଗରେ ଷୋଳମପୁର ବୌଦ୍ଧବିହାର ମ୍ୟୁଜିୟମକୁ ଅଣାଯାଇ ପୂଜକ ଉମାକାନ୍ତ ପଣ୍ଡା ଓ ଟ୍ରଷ୍ଟି କମଳାକାନ୍ତ ନାୟକଙ୍କ ଉପସ୍ଥିତିରେ ସୁରକ୍ଷିତ ଭାବେ ରଖାଯାଇଛି।

# ‘ରଞ୍ଜନ ଥିଲେ ସ୍ୱୟଂସମ୍ପୂର୍ଣ୍ଣ’


ସ୍ମୃତିସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭଦ୍ରକ, ୨୬।୯ (ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକର ଲାଙ୍ଗୁଡ଼ି ହରିପୁରର ସ୍ୱର୍ଗତ ଇଂ. ରଞ୍ଜନ କୁମାର ନାୟକଙ୍କ ଏକାଦଶାହ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ରଞ୍ଜନ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟରେ ଡିଜିଏମ୍ ଭାବେ କାର୍ଯ୍ୟ କରି ଲୋକପ୍ରିୟ ହୋଇପାରିଥିଲେ। ସେ ଜଣେ ସ୍ୱୟଂସମ୍ପୂର୍ଣ୍ଣ ମଣିଷ ଥିଲେ ବୋଲି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କବି ରମେଶ ଚନ୍ଦ୍ର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଜଳସେଚନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରତିକାନ୍ତ ନାୟକ, ଅବସରପ୍ରାପ୍ତ ଜଳସେଚନ ବିଭାଗ ମୁଖ୍ୟ ଯନ୍ତ୍ରୀ ମଦନମୋହନ ସାମନ୍ତରାୟ, ସାମାଜିକ କର୍ମୀ ରାଖାଲ ନାୟକ, ପତ୍ନୀ ଆରତି ନାୟକ, ବିଜୟ ବରଜ, ଅଶୋକ ନାୟକ, ଖବରଦାତା ସନ୍ତୋଷ ଦାସ, ରତିକାନ୍ତ ନାୟକ, ଅକ୍ଷୟ ନାୟକ, ଆଇନଜୀବୀ ହରିଶ ଚନ୍ଦ୍ର ଦାସ, ଅକ୍ଷୟ ବେହେରା, ମନୋରମା ପାତ୍ର, ସାମାଜିକ କର୍ମୀ ଦିଲୀପ ନାୟକ, ଦେବାଶିଷ ନାୟକ, ଖବରଦାତା ମୁକ୍ତିକାନ୍ତ ନାୟକ, ବନମାଳି ନାୟକ, ଅନନ୍ତ ନାୟକ, ଅଭିପ୍ସା ନାୟକ, ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ‘ରଞ୍ଜନ ଏକ ସ୍ୱୟଂସମ୍ପୂର୍ଣ୍ଣ ମଣିଷ’ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଛି। ଝିଅ ସୌମ୍ୟ ଶାଳିନୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରୁ ଫଳ ଲୁଟ୍ ନେଇ ମାମଲା

ଭଣ୍ଡାରିପୋଖରୀ,୨୬।୯(ରାଜେନ୍ଦ୍ର ଶତପଥୀ)

୧୬ନଂ. ଜାତୀୟ ରାଜପଥର ଡାହାଲା ମହନ୍ତପୋଲ ନିକଟରେ ଏକ ଫଳ ବୋଝେଇ ଟ୍ରକ୍ ଦୁର୍ଘଟଣା ସମୟରେ ଫଳ ଲୁଟ୍ ଅଭିଯୋଗରେ ଭଣ୍ଡାରିପୋଖରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ସେଓ ପରିବହନ କରୁଥିବା ଟ୍ରକ୍‌ର ଟ୍ରାନ୍ସପୋର୍ଟର କଟକ ମହତାବରୋଡ ଦୋଳମୁଣ୍ଡେଇ ଅଞ୍ଚଳର ବିଜୟ କୁମାର ଶର୍ମାଙ୍କ ଅଭିଯୋଗ ଆଧାରରେ ମାମଲା (ନଂ. ୩୯୪/୨୪) ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ୨୪ ତାରିଖ ପ୍ରାତଃ ୫ଟା ୩୦ ବେଳେ ଏକ ଗାଡ଼ି ସାଇଡ୍ ମାରିବାରୁ ଫଳ ବୋଝେଇ ଟ୍ରକ୍‌ଟି ରାସ୍ତା ପାଖ ପୋଲ ବାଡ଼କୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍ ଡାଲା ସହ ସେଥିରେ ଥିବା ୧୨୪୩ ପେଟିରେ ୧୯ ଟନ୍ ସେଓ ନୟନଯୋରୀକୁ ପଡ଼ିଯାଇଥିଲା। ସ୍ଥାନୀୟ ଗ୍ରାମର ୨/୩ଶହ ଲୋକ ଫଳ ପେଟିକୁ ଲୁଟି ନେଇଥିଲେ। ଏହି ଘଟଣାରେ ଚାଳକ କିମ୍ବା ହେଲ୍‌ପର ଆହତ ହୋଇ ନ ଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଥାନାଧିକାରୀ ବିରେନ୍ଦ୍ର ସେନାପତି ମାମଲାର ତଦନ୍ତ ଭାର ଗ୍ରହଣ କରିଛନ୍ତି।

# ତୁହାକୁ ତୁହା ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ



**ବିଭିନ୍ନ ରାସ୍ତା ଅବସ୍ଥା ଶୋଚନୀୟ**

ଧାମନଗର,୨୬।୯ (ଦେବେନ୍ଦ୍ର ଆଦ୍ଦିଆ)

ଲଘୁଚାପଜନିତ ବର୍ଷା ଲାଗି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସାଧାରଣତଃ ଶ୍ରମିକ ଶ୍ରେଣୀର ଲୋକେ କାମ ଧନ୍ଦା କରି ନ ପାରି ହଇରାଣ ହେଉଛନ୍ତି। ତୁହାକୁ ତୁହା ବର୍ଷା ଯୋଗୁ ଶ୍ରମିକମାନେ କାମ କରିବାକୁ ଯାଇପାରୁ ନାହାନ୍ତି। ସେହିପରି ପ୍ରବଳ ବର୍ଷାରେ ବିଭିନ୍ନ ଗ୍ରାମ ଓ ମୁଖ୍ୟରାସ୍ତା ଅବସ୍ଥା ଶୋଚନୀୟ ହୋଇଛି। ଧାମନଗର-ଫଳପୁର, କୋଠାର-ଧାମନଗର, ଭଦ୍ରକ- ଧୁଷୁରୀ, ଧୁଷୁରୀ-ହସନାବାଦ ରାସ୍ତା ଆଦି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଧାମନଗର- ଦୋବଲ ରାସ୍ତା ମରାମତି ଅଭାବରୁ ରାସ୍ତାର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ରହିବାରୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ରାସ୍ତାର ବିଭିନ୍ନ ସ୍ଥାନରେ ବର୍ଷାପାଣି ଜମି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇଛି।
ଅପରପକ୍ଷେ ରାସ୍ତାର ଦୁଇପାର୍ଶ୍ୱରେ ଜବରଦଖଲକାରୀମାନେ ବେଆଇନ ଭାବେ ଘର ଓ ଦୋକାନ ନିର୍ମାଣ କରିଥିବାରୁ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ଜମି ରହୁଥିବା ପାଣି ନିଷ୍କାସନ ହୋଇପାରୁ ନାହିଁ। ଧାମନଗର ଭାୟା ଦୋବଲ ଯାଜପୁର ଜିଲାକୁ ସଂଯୋଗ କରୁଥିବା ଏହି ରାସ୍ତାରେ ହଜାର ହଜାର ଲୋକଙ୍କ ଯାତାୟାତ ସାଙ୍ଗକୁ ବିଭିନ୍ନ ଗାଡ଼ିମୋଟର ଓ ବସ୍ ଚଳାଚଳ କରିଥାଏ। ଉକ୍ତ ରାସ୍ତାରେ ଭୁବନେଶ୍ୱର-କଟକ ଓ ଭଦ୍ରକକୁ ମଧ୍ୟ ଯାତ୍ରୀବାହୀ ବସ୍ ଯାତାୟାତ କରୁଛି। ଏହି ମୁଖ୍ୟରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଜନସାଧାରଣ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶଥାଉ କି, ଘୋଡ଼ାଗଣ୍ଡ ନାଳ ବିଦେଶୀ ମଦ ଦୋକାନ ନିକଟରେ ବର୍ଷକୁ ୪ଥର ରାସ୍ତା ମରାମତି ହେଉଛି। ଏମିତିକି ଦୁଇମାସ ତଳେ ଉକ୍ତ ରାସ୍ତା ମରାମତି କରାଯାଇଥିଲା। ଲଘୁଚାପଜନିତ ବର୍ଷା ଯୋଗୁ ଏବେ ସେ ରାସ୍ତାର ଅବସ୍ଥା ପୂର୍ବ ଅବସ୍ଥା ହୋଇପଡ଼ିଛି। ଖଡିପଦାଠାରୁ ସେଣ୍ଡପୁର ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ବର୍ଷାପାଣି ଜମି ରହୁଥିବାରୁ ଦୁର୍ଘଟଣା ଘଟୁଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି



ଜନଶୁଣାଣି ଶିବିରରେ ଅଧିକାରୀ ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ,୨୬।୯ (ରାଜେନ୍ଦ୍ର ଶତପଥୀ)

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ର ଜନଶୁଣାଣି ତଥା ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବ୍ଲକ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରକୁ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ ପ୍ରଦୀପ ପ୍ରଜ୍ୱଳନ କରି ବିଡିଓ ଦେବଦତ୍ତ ଦାସଙ୍କ ସହ ଉଦ୍‌ଘାଟନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଜକିଶୋର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଭିଆର୍‌ପିମାନଙ୍କଠାରୁ ଆସିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନିୟମିତତା ରିପୋର୍ଟ ପ୍ରଦାନ କରି ଉପସ୍ଥିତ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ସୂଚନା ଫଳକ ଲେଖାଯାଇ ନ ଥିବା, କ୍ୟାସ୍ ରେକର୍ଡ ମିଳୁ ନ ଥିବା, ଖର୍ଚ୍ଚ ଅଧିକ ହୋଇଥିବା ଆଦି ବ୍ୟତିକ୍ରମ ନେଇ ସରସଦା, ନପଙ୍ଗ, ବୟାଁବନାପୁର, ଦକ୍ଷିଣବାଡ଼, ବିଷ୍ଣୁପୁର, ରାଜେନ୍ଦ୍ରପୁର, ଷୋଳମପୁର, ନାଆଁମୀ ଓ ରଣଜିତ୍ ପଞ୍ଚାୟତରୁ ଅଭିଯୋଗ ଆସିଥିଲା। ଆଗାମୀ ଦିନରେ ସମଗ୍ର ଶିକ୍ଷା ଯୋଜନାରେ ଏହି ବ୍ୟବସ୍ଥା ଲାଗୁ କରାଯିବ ବୋଲି ସୂଚନା ଦିଆଯାଇଥିଲା। କ୍ରୀଡ଼ା ଓ ଜଙ୍ଗଲ ବିଭାଗ ଅଧିକାରୀ ଅନୁପସ୍ଥିତ ରହିବା ନେଇ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ସ୍ମୃତି ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶାନ୍ତ ଦଳେଇ, ଅଶୋକ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ଭାରତୀୟ ଚିକିତ୍ସକ ସଂଘର ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନାଚକ୍ର

ଭଦ୍ରକ,୨୬।୯(ସନାତନ ରାଉତ/ ରବିନାରାୟଣ ଖିଲାର)

ଭାରତୀୟ ଚିକିତ୍ସକ ସଂଘର ଭଦ୍ରକ ଶାଖା ପକ୍ଷରୁ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ସହକାରୀ ଭେଷଜ ପ୍ରଫେସର ଡା. ଭାଗ୍ୟଶ୍ରୀ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମ ସାସ୍ଥ୍ୟ ଉପରେ କ୍ୟାଲସିୟମ, ମ୍ୟାଗ୍ନେସିୟମ ଓ ଅନ୍ୟ ମାଇକ୍ରୋ ନ୍ୟୁଟ୍ରିଏଣ୍ଟର ପ୍ରଭାବ ଓ ଆବଶ୍ୟକତା ସମ୍ପର୍କରେ କହିଥିଲେ। ଆଇଏମ୍‌ଏ ଉପଦେଷ୍ଟା ଡା. ହରେକୃଷ୍ଣ ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଲୋଚନାଚକ୍ର ସମ୍ପର୍କରେ ଆଲୋକପାତ କରିଥିଲେ। ଆଇଏମ୍‌ଏ ପକ୍ଷରୁ ସଭାପତି ଡା. ରବୀନ୍ଦ୍ର କୁମାର ନାୟକ, ସମ୍ପାଦକ ଡା. ରଞ୍ଜିତ କୁମାର ଖଟୁଆ, ଭଦ୍ରକ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ସହକାରୀ ଜିଲାପାଳ ସାଗରିକା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ଶତ୍ରୁଘ୍ନ ହାତୀ, ଡା. ଧନଞ୍ଜୟ ପଣ୍ଡା, ଡା. ପ୍ରଫୁଲ୍ଲ କୁମାର ନନ୍ଦ, ମନୋରଞ୍ଜନ ପାଣିଗ୍ରାହୀ, ଗୌରଚନ୍ଦ୍ର ଜେନା, ସୁଧୀରଞ୍ଜନ ନାୟକ, ନିଶାନ୍ତ ଦାସ, ଅମିତାଭ ଜେନା, ସନ୍ତୋଷ କୁମାର ଜେନା, ଅଭିଜିତ ନାୟକ, ଅନୀମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆୟୋଜକ ମେୟର ଫାର୍ମାସ୍ୟୁଟିକାଲକୁ ସଂଘ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା।


ଆଲୋଚନାଚକ୍ରରେ ଉପସ୍ଥିତ ଡାକ୍ତରମାନେ।

# କାମ ସରିନି, ସରଞ୍ଜାମ ରଖିଦେଲେ

ବାସୁଦେବପୁର,୨୬।୯ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ଅଧୀନ ୨୨ ନଂ. ୱାର୍ଡର ଭୈରବପୁର ଗ୍ରାମ ଛକଠାରେ ନିର୍ମାଣାଧୀନ ଓପନ ଜିମ୍ନାସିୟମ କେନ୍ଦ୍ର ଅଧାପନ୍ତରିଆ ଅବସ୍ଥାରେ ରହିଛି। ନିର୍ମାଣ କାର୍ଯ୍ୟ ସରି ନ ଥିବାବେଳେ ଉପକରଣ ଆଣି ରଖି ଦିଆଯାଇଛି। ତରବରିଆ ଭାବେ ପୌରପାଳିକା ପକ୍ଷରୁ ଏହି ପ୍ରକଳ୍ପ ହାତକୁ ନିଆଯାଇ ଜିମ୍ନାସିୟମ୍ କେନ୍ଦ୍ର ସ୍ଥଳରେ ମାଟି ପୋତାଯାଇ କ୍ରୀଡ଼ା ଓ ଜିମ୍ନାସିୟମ ପାଇଁ ଆବଶ୍ୟକ ସରଞ୍ଜାମ, ଯନ୍ତ୍ରାଂଶ ଏଠାରେ ବସାଯାଇଛି। ଏହାର ତଳକୁ ପ୍ଲାଷ୍ଟର ଓ ପେଭରକୋଟ କରାଯାଇ ନ ଥିବାରୁ ସାମାନ୍ୟ ବର୍ଷାରେ ଏହାର ତଳ କାଦୁଅ ପଚପଚ ହୋଇଯାଉଛି। ଅସରାଏ ବର୍ଷା ହେଲେ ଏହା ମଧ୍ୟକୁ ପ୍ରବେଶ କରିବା ସହଜ ହେଉନାହିଁ। ପ୍ରତିଦିନ ଗାଁ ଲୋକ, ବାଳିକା ବାଳକ ଓ ଯୁବକମାନେ ସ୍ୱାସ୍ଥ୍ୟରକ୍ଷା ପାଇଁ


ଜିମ୍ନାସିୟମ କେନ୍ଦ୍ର ପରିସରରେ ଲତା ମାଡ଼ିଯାଇଛି।

ବ୍ୟାୟାମ କରିବାକୁ ଆଶା ରଖିଥିବା ବେଳେ ଏହା ଅବ୍ୟବସ୍ଥା ମଧ୍ୟରେ ଥିବାରୁ ଜନଅସନ୍ତୋଷ ଦେଖାଦେଇଛି। ଏହି ପ୍ରକଳ୍ପଟି ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଏହି ଯନ୍ତ୍ରାଂଶ ତଳେ ମାଟିରେ ଘାସଲତା ମାଡ଼ିଗଲାଣି। ଫଳରେ ବର୍ଷାଦିନ ହୋଇଥିବାରୁ ଲୋକଙ୍କ ମଧ୍ୟରେ ସାପ, ବେଙ୍ଗର ଭୟ ରହୁଛି।
ଏହି ସେଣ୍ଟର ସାମ୍ନାରେ ମୁଖ୍ୟ ଡ୍ରେନ୍ ଯାଇଥିବା ବେଳେ ଦୀର୍ଘବର୍ଷ ହେବ ମୁକୁଳା ପଡ଼ିଛି। ଡ୍ରେନ୍‌ର ଗଭୀର ୭/୮ ଫୁଟ୍ ହୋଇଥିବା ବେଳେ ଏହା ଜଳ ନିଷ୍କାସନର ପ୍ରମୁଖ ଡ୍ରେନ୍। ମୁକୁଳା ପଡ଼ିଥିବା ଡ୍ରେନ୍‌କୁ ଡେଇଁ ପ୍ରତିଦିନ ଛୋଟ ପିଲା ଗାଁ ଲୋକେ ଜିମ୍ନାସିୟମ ସେଣ୍ଟରକୁ ବ୍ୟାୟାମ ପାଇଁ ଯାଉଛନ୍ତି। ଯାହାକି ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ଜିମ୍ନାସିୟମ ସେଣ୍ଟର ଅବ୍ୟବସ୍ଥା ମଧ୍ୟରେ ଥିବାବେଳେ ଏହାର ସୌନ୍ଦର୍ଯ୍ୟକରଣ, ସମସ୍ୟା ସମାଧାନ ଦିଗରେ ପୌରପାଳିକା ଦୃଷ୍ଟି

- ଅଧାପନ୍ତରିଆ ଓପନ ଜିମ୍ନାସିୟମ କେନ୍ଦ୍ର
- ତଳେ କାଦୁଅ ପଚପଚକୁ ମାଡ଼ିଗଲାଣି ଘାସଲତା

ଦେଉନାହିଁ। ଫଳରେ ଏହା ବ୍ୟବହାର ଉପଯୋଗୀ ହୋଇ ନ ପାରିବା ସହ ଲୋକଙ୍କ ସେବାରେ ଆସିପାରୁ ନାହିଁ। ଏନେଇ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ କହିଛନ୍ତି, ଉକ୍ତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଖୁବ୍‌ଶୀଘ୍ର ଉଦ୍‌ଘାଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରକଳ୍ପ ସାମ୍ନାରେ ଥିବା ଗଭୀର ଡ୍ରେନ୍ ଉପରେ ସ୍ଲାବ୍ ପକାଯିବା ସହ ତଳ ପେଭରକୋଟ କରାଯିବ। ଏଥିସହ ଯେଉଁ ସବୁ ସମସ୍ୟା ଅଛି, ତାହାର ସମାଧାନ କରାଯାଇ ଏହାକୁ ଅଧିକ ସୌନ୍ଦର୍ଯ୍ୟକରଣ କରାଯିବ।

## ଘରୁ ବାଇକ୍ ଚୋରି

ଢେଙ୍କିକୋଟ,(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ରାଇବଣ ସାହିରୁ ବୁଧବାର ଏକ ବାଇକ ଚୋରି ହୋଇଛି। ସାହିର ଗୋବିନ୍ଦ ଚନ୍ଦ୍ର ନାୟକ ସବୁଦିନ ଭଳି ନିଜ ଘର ଅଗଣାରେ ତାଙ୍କର ୟାମା ବାଇକ୍(ନଂ.ଓଆର-୦୯-ଏନ-୪୦୧୩)କୁ ରଖି ଶୋଇଥିଲେ। ସକାଳୁ ଉଠି ଘରେ ବାଇକ ନ ଥିବା ଦେଖିଥିଲେ। ଢେଙ୍କିକୋଟ ପୋଲିସ ବିଟ ହାଉସରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

**କେନ୍ଦୁଝର**

**ସଂକ୍ଷେପରେ**

## ପୋଖରୀରେ ବୁଡ଼ି ଜଣେ ମୃତ

ରାମଚନ୍ଦ୍ରପୁର,୨୬।୯(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ଥାନା ସାଇଁକୁଲ ଫାଣ୍ଡି ଅନ୍ତର୍ଗତ ମଦନପୁର ପଞ୍ଚାୟତ ଖଡ଼ିକାଶୂଳ ବାହାଳି ଗ୍ରାମର ଜଣେ ବ୍ୟକ୍ତି ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ଉପରକ୍ତ ଗ୍ରାମର ବିନୋଦ ବେହେରା (୫୫)। ସେ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତ ଦାନ୍ତିଆ ଗ୍ରାମର ବନ୍ଧ ପୋଖରୀକୁ ଗୁରୁବାର ସକାଳୁ ଗାଧୋଇବାକୁ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ବନ୍ଧ ପୋଖରୀରେ ଭାସୁଥିବାର ଦେଖିଥିଲେ। ପରିବାର ଲୋକେ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଇଁକୁଲ ଫାଣ୍ଡି ଅଧିକାରୀ ସୁରେଶ କୁମାର ମାଝୀ ଏକ ମାମଲା(ନଂ. ୧୮/୨୪) ରୁଜୁ କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲେ।

## ସୁବ୍ରତ ଜିସିଇରେ ଏମ୍‌ପିଙ୍କ ପ୍ରତିନିଧି

କେନ୍ଦୁଝର,୨୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝରସ୍ଥିତ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ(ଜିସିଇ) ଏବଂ ଓଏସ୍‌ଏମ୍‌ଇରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ପକ୍ଷରୁ ପ୍ରତିନିଧି ଭାବେ ବରିଷ୍ଠ ଭାଜପା ନେତା ସୁବ୍ରତ ମହାନ୍ତି ନିଯୁକ୍ତ ହୋଇଛନ୍ତି। ସୁବ୍ରତ ଛାତ୍ର ଜୀବନରୁ ରାଜନୀତି ସହିତ ଜଡ଼ିତ ଥିବା ବେଳେ ଘଷିପୁରା ଏବଂ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇଛନ୍ତି। କେନ୍ଦୁଝର ଜିଲା ଭାଜପାର ସାଧାରଣ ସମ୍ପାଦକ ପଦବୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ଗତ କିଛି ବର୍ଷ ଧରି ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ଛାତ୍ର ବିଶୃଙ୍ଖଳାଠୁ ଆରମ୍ଭ କରି ଶୈକ୍ଷିକ ବାତାବରଣ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବର୍ତ୍ତମାନ ଯାନ୍ତ୍ରିକ ମହାବିଦ୍ୟାଳୟକୁ କିଭଳି ଶୃଙ୍ଖଳିତ ଓ ଶ୍ରେଷ୍ଠ କରାଯିବ, ତାହା ଉପରେ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

# ୩ ଦିନ ମଧ୍ୟାହ୍ନଭୋଜନରୁ ବଞ୍ଚିତ ଛାତ୍ରୀଛାତ୍ର

■ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟ ପିଛା ଛାଡୁନି ବିବାଦ
■ଅଭିଭାବକ ଅସନ୍ତୁଷ୍ଟ

ରାମଚନ୍ଦ୍ରପୁର,୨୬।୯(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ଜଳସୁଆଁ ଗ୍ରାମରେ ଥିବା ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟରେ ପରିଚାଳନା କମିଟି ଗଠନକୁ ନେଇ ବିବାଦ ଲାଗି ରହିଛି। ଏ ନେଇ ଗ୍ରାମବାସୀ, ଅଭିଭାବକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ତୁ ତୁ ମେ ମେ ପରିସ୍ଥିତି ଲାଗି ରହିଛି। ଗ୍ରାମବାସୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ବିକ୍ଷୋଭ ମଧ୍ୟ କରିଥିଲେ। ଉକ୍ତ ସମସ୍ୟା ସମାଧାନ ହୋଇ ନ ଥିବା ବେଳେ ଗତ ୩ ଦିନ ହେବ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଇ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବିଧାୟକଙ୍କ ପ୍ରତିନିଧିଙ୍କୁ ଗ୍ରାମବାସୀ ବିରୋଧ କରୁଥିବାରୁ ଉକ୍ତ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ ହୋଇପାରୁନାହିଁ। ସେଇ କାରଣରୁ ବିଭିନ୍ନ ସମୟରେ ଅନେକ ସମସ୍ୟା ଉପୁଜୁଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଗତ ଶନିବାର, ସୋମବାର, ମଙ୍ଗଳବାର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇ ନ ଥିଲା। ଏଥିସହ ବୁଧବାର ବିଦ୍ୟାଳୟ ଛୁଟି ଘୋଷଣା କରାଯାଇଥିଲା। ଗୁରୁବାର ଅଭିଭାବକ ଓ ଗ୍ରାମବାସୀ ଘଟକେଶ୍ୱର ଜେନା, ଯତୀନ୍ଦ୍ର ସା, ରାଜେଶ ମାଝୀ, ଛବିଳ ମାଝୀ, ଦୀନବନ୍ଧୁ ସା, ରାଜନ ଜେନା, ଗୋପାଳୀ ମାଝୀ, ସାମାଜିକ କର୍ମୀ ପ୍ରକାଶ ମାଝୀ ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାହୁଙ୍କୁ ଛୁଟିର କାରଣ ଓ ମଧ୍ୟାହ୍ନଭୋଜନ କାହିଁକି ଦିଆଯାଇ ନ ଥିଲା ପଚାରିଥିଲେ। ଏଥିସହ ଡିଇଓ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରିବାକୁ ଯାଇଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉପସ୍ଥାନ କିପରି ରହିଲା ବୋଲି ପଚାରିଥିଲେ। ଉକ୍ତ ଘଟଣା ବିଷୟରେ ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି, ଚାଉଳ ସରିଯାଇଥିଲା, ସେଥିପାଇଁ ମଧ୍ୟାହ୍ନଭୋଜନ ଦିଆଯାଇ ନ ଥିଲା। ଏ ବିଷୟରେ ଆନନ୍ଦପୁର ବିଇଓଙ୍କୁ ଜଣାଇଛନ୍ତି। ବିଦ୍ୟାଳୟ ଛୁଟି ହେବା ଘଟଣା ବିଷୟରେ କହିଥିଲେ, ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଲୋକାଲ ହଲିଡେ ଭାବରେ ନେଇପାରିବେ। ବିଦ୍ୟାଳୟ ନ ଆସିଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନାମ ଭୁଲ୍‌ରେ ଉପସ୍ଥାନ ଖାତାରେ ଚଢ଼ିଯାଇଛି, ତାହା କାଟିଦିଆଯିବ ବୋଲି କହିଥିଲେ। ବିଦ୍ୟାଳୟରେ ବାରମ୍ବାର ଏଭଳି ସମସ୍ୟା ଘଟୁଥିବାରୁ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଥିଲେ। ଉକ୍ତ ଘଟଣା ବିଷୟରେ ଆନନ୍ଦପୁର ବିଇଓ ଅଜିତ୍ କୁମାର ବାରିକ କହିଛନ୍ତି, ପରିଚାଳନା କମିଟି ଗଠନ ହୋଇ ନ ଥିବାରୁ ଆମକୁ ରିପୋର୍ଟ ହୋଇଥିଲା। ତେଣୁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ୨ ମାସର ଦରମା ବନ୍ଦ କରାଯାଇଛି। ଉକ୍ତ ଘଟଣା ବିଷୟରେ ଏବେ ମିଟିଂ ଚାଲିଛି। ଅଭିଯୋଗର ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କୁ-ପୋଷଣର ମୂଳୋତ୍ପାଟନକୁ ଗୁରୁତ୍ୱ


ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଜିଲାସ୍ତରୀୟ ପୋଷଣ ମାସ**

କେନ୍ଦୁଝର,୨୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲରେ ଜିଲାସ୍ତରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ମିତା ନାଏକଙ୍କ ପୌରହିତ୍ୟରେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓ, ଗୋକୁଳ ପ୍ରଧାନ ଓ ଡା. ନୀଲମ ମହାନ୍ତି ଉପସ୍ଥିତ ଥିଲେ।

ସେପ୍ଟେମ୍ବର ୧ରୁ ୩୦ ପର୍ଯ୍ୟନ୍ତ ପୋଷଣ ମାସ ପାଳନ କରାଯାଉଛି। ଜିଲାରେ ଯେପରି କୌଣସି ଗର୍ଭବତୀ, ସ୍ତନ୍ୟପାନ କରାଉଥିବା ମା', କିଶୋରୀ କିମ୍ବା ଶିଶୁ କୁ-ପୋଷଣର ଶିକାର ନ ହୁଅନ୍ତି ସେଥିପାଇଁ ବିଶେଷ ଯତ୍ନ ନିଆଯାଉଛି। ଉତ୍ତମ ପୋଷଣ-ସୁସ୍ଥ ଜୀବନ ପ୍ରସଙ୍ଗକୁ ଭିତ୍ତି କରି କାର୍ଯ୍ୟକ୍ରମରେ କୁ-ପୋଷଣ ଯୋଗୁ ହେଉଥିବା ରକ୍ତହୀନତା, ଏହାର ପ୍ରଭାବ, ପରୀକ୍ଷା, ଚିକିତ୍ସା ବିଷୟରେ ଆଲୋଚନା କରିବା, ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା ପାଇଁ କ୍ଷୁଦ୍ର ଖାଦ୍ୟ ଶସ୍ୟ ସାମିଲ କରିବା, ଶିଶୁର ଅଭିବୃଦ୍ଧି ନିରୀକ୍ଷଣ କରିବା ସହିତ ଆଦ୍ୟ ଶୈଶବ ଏବଂ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଯତ୍ନବାନ ହେବା ବାବଦରେ ଆଲୋଚନା ହୋଇଥିଲା। ଜିଲାର ସମସ୍ତ ସିଡିପିଓ, ଅଙ୍ଗନବାଡି କର୍ମୀ, ସମାଜ କଲ୍ୟାଣ କାର୍ଯ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅଘୋରୀ ନୃତ୍ୟ ଦେଖିବାକୁ ଭିଡ଼



**ବିନ୍ଦାସ କ୍ଲବ୍‌ର ଗଣେଶ ଭସାଣି**

ଢେଙ୍କିକୋଟ,୨୬।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ବିନ୍ଦାସ କ୍ଲବ୍ ଗଣେଶ ମେଢ଼ ଭସାଣି ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭସାଣି ଉତ୍ସବ ଦେଖିବା ପାଇଁ ଜିଲା ତଥା ଜିଲା ବାହାରୁ ଦର୍ଶକଙ୍କ ଭିଡ ଜମିଥିଲା। ଭସାଣି ଉତ୍ସବରେ ଜୁନାଗଡ଼ ମେଲୋଡି ପାର୍ଟି, କେନ୍ଦ୍ରାପଡ଼ା ଅଘୋରୀ ନୃତ୍ୟ, ଅନୁଗୁଳ ଶ୍ରୀ ଡିଜେ, ସୋନପୁର ମା' ମେଲୋଡିର ଆକର୍ଷଣୀୟ କଳାକୃତି ଦର୍ଶକଙ୍କ ମନ ମୋହିଥିଲା। ଅଘୋରୀ ନୃତ୍ୟ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଡିଜେ ବାଦ୍ୟର ତାଳେ ତାଳେ ବିନ୍ଦାସ କ୍ଲବ୍‌ର ଶତାଧିକ ସଦସ୍ୟ, ନୃତ୍ୟ ପରିବେଷଣ କରିଥିଲେ। କ୍ଲବ୍‌ର ସଭାପତି ସୁଶାନ୍ତ ସେନାପତି ଏବଂ ସମ୍ପାଦକ ସନ୍ତୋଷ ନାୟକ ସମେତ ସକ୍ରିୟ ସଦସ୍ୟ ଦୀପକ ମିଶ୍ରଙ୍କ ବଳିଷ୍ଠ ଉଦ୍ୟମରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ହୋଇଥିଲା। ମେଢ଼କୁ ବଜାର, ସାହି, ବସ୍ତି ପରିକ୍ରମା କରିବା ସମୟରେ ମାଆ, ଭଉଣୀମାନେ ପ୍ରଭୁ ଗଜାନନଙ୍କୁ ବନ୍ଦାପନା କରି ବିଦାୟ ଜଣାଇଛନ୍ତି। ଶେଷରେ ରାତି ୧୦ଟାରେ ଉଙ୍ଗାଧର ନଦୀରେ ବିସର୍ଜନ କରାଯାଇଛି।

## ବ୍ଲକ୍‌ସ୍ତରୀୟ ସଫେଇ ମିତ୍ର ସୁରକ୍ଷା ଶିବିର

ପାଟଣା,୨୬।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସଭାଗୃହରେ ଗୁରୁବାର ବ୍ଲକ୍‌ସ୍ତରୀୟ ସଫେଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୦ ପଞ୍ଚାୟତରୁ ୫୦ ସଫେଇ ମିତ୍ର ଅଂଶ ଗ୍ରହଣ କରିଥିଲେ। ଶିବିରରେ ସମସ୍ତ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ବିଭିନ୍ନ ରୋଗ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଗୁଣି ଗାରେଡ଼ି ଓ ଅନ୍ଧ ବିଶ୍ୱାସରର ବଶବର୍ତ୍ତୀ ନ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରେଇବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଶିବିରରେ ପାଟଣା ବିଡିଓ ଶିବ ଶଙ୍କର ମୁର୍ମୁ, ଏବିଡିଓ ଚିତ୍ତରଞ୍ଜନ ନାୟକ, ଡା. ଯାଜ୍ଞସେନୀ ମହାନ୍ତ, ଡା. ଯଶୋବନ୍ତ ମହାନ୍ତ ଓ ସ୍ୱଚ୍ଛ ଭାରତ ଅଭିଯାନର ବ୍ଲକ୍ ସମ୍ବଳ ସଂଯୋଜକ ଜମାଲ ଉଦ୍ଦିନ ଖାନ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ସଚେତନ କରାଇବା ସହ ଉତ୍ସାହିତ କରିଥିଲେ। ଶିବିରରେ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ସମସ୍ତଙ୍କୁ ବ୍ୟକ୍ତିଗତ ସୁରକ୍ଷା କିଟ୍(ପିପିଇ କିଟ୍) ମଧ୍ୟ ପ୍ରଦାନ କରାଯାଇ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବାକୁ ଉପଦେଶ ଦିଆଯାଇଥିଲା।

# ଡାକ୍ତରଙ୍କ ଗିରଫଦାରିକୁ ବିରୋଧ

**ମହିଳା ରୋଗୀଙ୍କୁ ଅସଦାଚରଣ ମାମଲା**

ଯୋଡ଼ା,୨୬।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ମୋହତା ହସ୍ପିଟାଲରେ ଚିକିତ୍ସାଧୀନ ସମୟରେ ଜଣେ ମହିଳା ରୋଗୀଙ୍କୁ ଡାକ୍ତରଙ୍କ ଅସଦାଚରଣ ମାମଲାକୁ ଇଣ୍ଡିଆନ ମେଡିକାଲ ଆସୋସିଏସନ ବିରୋଧ କରିଛି। ଆସୋସିଏଶନର ବଡବିଲ ଶାଖା ସଭାପତି ସୁବେଶ ଚନ୍ଦ୍ର ଦାସ ଓ ପ୍ରତିଷ୍ଠାତା ସମ୍ପାଦକ ଅନୀଲ ଦାସ ଗିରଫଦରିକୁ ଭିତ୍ତିହୀନ ଦର୍ଶାଇଛନ୍ତି। ଖବରଦାତାଙ୍କୁ ସୂଚନା ଦେଇ କହିଛନ୍ତି, ଘଟଣା ନେଇ ଆସୋସିଏଶନର ଟିମ ଭଲ ଭାବେ ତଦନ୍ତ କରିଛି। ଚିକିତ୍ସା ପଦ୍ଧତି ଅନୁଯାୟୀ, ମହିଳାଙ୍କୁ ଚିକିତ୍ସା କରାଯାଇଛି। ମହିଳାଙ୍କୁ ଅସଦାଚରଣ ନେଇ ଡାକ୍ତରଙ୍କ ବିରୋଧରେ ପୋଲିସ ନିକଟରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ମହିଳା ରୋଗୀଙ୍କ ଚିକିତ୍ସା ସମୟରେ ୨ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ପୋଲିସ ନିରପେକ୍ଷ ଭାବେ ତଦନ୍ତ ନ କରି କାହା ଚାପରେ ଡାକ୍ତରଙ୍କୁ ଗିରଫ କଲା ବୋଲି ପ୍ରଶ୍ନ କରିବା ସହିତ ସାରା ରାଜ୍ୟରେ ଡାକ୍ତରମାନେ ଏହାର ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶଯୋଗ୍ୟ, ଗତ ୨୧ ରେ ମୋହୋତା ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର ଅନମୋଲ ମୋହୋତାଙ୍କ ବିରୋଧରେ ଡାକ୍ତରଖାନାକୁ ଆସିଥିବା ଜଣେ ମହିଳା ରୋଗୀ ଅସଦାଚରଣ ଅଭିଯୋଗ କରିଥିଲେ। ଏ ନେଇ ଯୋଡ଼ା ପୋଲିସ ଡାକ୍ତରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

**ମୟୂରଭଞ୍ଜ**

# ଘରେ ପଶି ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

■ଆକ୍ରମଣରେ ଅନ୍ୟ ଜଣେ ଗୁରୁତର
■ଟ୍ରାଙ୍କୁଲାଇଜ୍ କଲା ବନ ବିଭାଗ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/
ବେତନଟୀ(ଧରଣୀଧର ମହାନ୍ତି), ୨୬।୯

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଞ୍ଚଳରେ ନରହନ୍ତା ଦନ୍ତାହାତୀ ଉତ୍ପାତରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବୁଧବାର ରାତିରେ ଘରେ ପଶି ଶୋଇଥିବା ଜଣେ ମହିଳାଙ୍କୁ ଘୋଷାରି ଆଣି ଘର ବାହାରେ କଚାଡ଼ି ମାରି ଦେଇଛି। ମୃତ ମହିଳା ହେଲେ ବାରିପଦା ରେଞ୍ଜ ବେତନଟୀ ଥାନା ଅଧୀନ ରାଧିକାଶୋଳ ଗ୍ରାମର ସୀତାନାଥ ହାଁସଦାଙ୍କ ସ୍ତ୍ରୀ ମାନକା (୩୫)। ସେହିପରି ବେତନଟୀ ରେଞ୍ଜ ଚାକୁନ୍ଦାପଦା ଗ୍ରାମର ଧନୁ ସିଂଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ନରହନ୍ତା ଏହି ଦନ୍ତାକୁ ଗୁରୁବାର ରାତିରେ ବନ ବିଭାଗ ଟ୍ରାଙ୍କୁଲାଇଜ୍ କରିଛି। ଅଚେତ ଅବସ୍ଥାରେ ଥିବା ହାତୀକୁ ଅନ୍ୟତ୍ର ସ୍ଥାନାନ୍ତର ଉଦ୍ୟମ ଜାରି ରହିଛି।

ସୂଚନା ଅନୁଯାୟୀ, ବୁଧବାର ରାତିରେ ଗ୍ରାମବାସୀ ନିଜ ନିଜ ଘରେ ଶୋଇଥିବା ବେଳେ ବେତନଟୀ ରେଞ୍ଜ ଇଲାକାରେ ବିଚରଣ କରୁଥିବା ନରହନ୍ତା ଦନ୍ତାହାତୀଟି ୧୮ନଂ. ଜାତୀୟ ରାଜପଥ ଅତିକ୍ରମ କରି ଭୋର ୩ଟା ସମୟରେ ରାଧିକାଶୋଳ ଗ୍ରାମରେ ପ୍ରବେଶ କରିଥିଲା। ଗ୍ରାମର ୪ ଜଣଙ୍କ ଘର ଭାଙ୍ଗିବା ସହ ଘର ଭିତରେ ଶୋଇଥିବା ମାନକାଙ୍କୁ ଘୋଷାରି ଆଣି ଘର ଅଗଣାରେ କଚାଡ଼ି ମାରିଦେଇଥିଲା। ପାଖରେ ଶୋଇଥିବା ସ୍ୱାମୀ ସୀତାନାଥ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିବା ବେଳେ ବନ ବିଭାଗର ଅବହେଳାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି। ଖବରପାଇ ଗୁରୁବାର ସକାଳେ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ସୁତାର କୁମାର ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପିଆର୍‌ଏମ୍ ମେଡିକାଲକୁ ପଠାଇଛନ୍ତି। ଏ ସଂକ୍ରାନ୍ତରେ ବେତନଟୀ ଥାନାରେ ଏକ ମାମଲା(ନଂ ୪୦/୨୪) ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ଗତ ୪ ଦିନ ମଧ୍ୟରେ ଏହି ଦନ୍ତା ଆକ୍ରମଣରେ ୪ଜଣଙ୍କ ମୃତ୍ୟୁ ଘଟିଲାଣି।


ହାତୀକୁ ଟ୍ରାଙ୍କୁଲାଇଜ୍ ବେଳେ ଉପସ୍ଥିତ ବନ କର୍ମଚାରୀମାନେ।

# ଖୋଲିଲା ୨ ଡ୍ୟାମ୍ ଗେଟ୍

**ସୁନେଇ ନଦୀରେ ବଢ଼ିଲା ଜଳସ୍ତର**

ଉଦଳା,୨୬।୯(ସନ୍ତୋଷ କୁମାର ବାଛିନୀ)

ଉପରମୁଣ୍ଡରେ ଲଗାଣ ବର୍ଷା କାରଣରୁ କାଳ ଓ ସୁନେଇ ଡ୍ୟାମ୍‌ର ଗୋଟିଏ ଲେଖାଏ ଗେଟ୍ ଖୋଲିଛି। ଫଳରେ ସୁନେଇ ନଦୀରେ ଜଳପତ୍ତନ ବୃଦ୍ଧି ପାଇଛି। କାଳ ଡ୍ୟାମ୍‌ର ଜଳଧାରଣ କ୍ଷମତା ୭୭.୭୦ ମିଟର ଥିବା ବେଳେ ଜଳସ୍ତର ବିପଦ ସଂକେତ ଛୁଇଁଛି। ଡ୍ୟାମର ଜଳସ୍ତର କମାଇବା ପାଇଁ ଜଳ ନିଷ୍କାସନ କରାଯାଇଛି। ଡ୍ୟାମର ଗେଟ ଦେଇ ଏବେ ୩୭.୨୪ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ଗୋଟିଏ ଗେଟ ଦେଇ ୭୨.୨୩ କ୍ୟୁମେକ୍ସ ଜଳ ନିଷ୍କାସନ କରାଯାଇଛି। ବୁଧବାର ରାତିରେ ଡ୍ୟାମର ଗେଟ ଖୋଲାଯାଇଥିବା ବେଳେ ଗୁରୁବାର ସକାଳ ୯ଟା ସମୟରେ ତାହାକୁ ବନ୍ଦ କରି ଦିଆଯାଇଥିଲା। ସେହିପରି ବୁଧବାର ରାତିରେ ସୁନେଇ ଡ୍ୟାମ୍‌ର ଗୋଟିଏ ଗେଟ ଏକ ମିଟର ଖୋଲାଯାଇଥିଲା। ଏହି ଡ୍ୟାମ୍‌ର ଜଳଧାରଣ କ୍ଷମତା ୮୫ ମିଟର ରହିଥିବା ବେଳେ ଜଳସ୍ତର ବିପଦ ସଂକେତ ଛୁଇଁବାରୁ ଗୋଟିଏ ଗେଟ ଖୋଲାଯାଇଛି। ଏହି ଗେଟ ମଧ୍ୟ ଦେଇ ୭୦ କ୍ୟୁମେକ୍ସ ଜଳ ନିଷ୍କାସିତ ହେଉଛି। ଜଳପତ୍ତନ ବୃଦ୍ଧି ହେଲେ ଡ୍ୟାମ୍‌ର ଅନ୍ୟ ଗେଟ ଖୋଲାଯିବ ବୋଲି ଆସିଷ୍ଟାଣ୍ଟ ଏକଜ୍ୟୁଟିଭ ଇଞ୍ଜିନିୟର ଗଜେନ୍ଦ୍ର ନାୟକ କହିଛନ୍ତି। ତେବେ ଦୁଇ ଡ୍ୟାମ୍‌ର ଗେଟ ଖୋଲିବା ଫଳରେ ତଳିଆ ଅଞ୍ଚଳରେ ଏହାର ପ୍ରଭାବ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ତେଣୁ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବା ପାଇଁ ସୂଚନା ଦିଆଯାଇଛି।

## ଯୁବକଙ୍କ ଆତ୍ମହତ୍ୟା

ବେତନଟୀ,୨୬।୯(ଧରଣୀଧର ମହାନ୍ତି)- ବେତନଟୀ ଥାନା ଅଧୀନ ସଠିଲୋ ଗ୍ରାମର ଏକ ଭଡ଼ାଘରେ ରହୁଥିବା ଜଣେ ଯୁବକ ଗୁରୁବାର ବେଳରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଯୁବକ ଜଣକ ହେଲେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ରୁତୁଙ୍ଗା ଗ୍ରାମର ଶୁଭେନ୍ଦୁ କୁମାର ନାୟକ (୨୪)। ଏନେଇ ବେତନଟୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୧/୨୪) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

## ସାମାଜିକ କର୍ମୀଙ୍କ ବିୟୋଗରେ ଶୋକ

ମୋରଡ଼ା,୨୬।୯(ସ୍ୱାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ପଞ୍ଚାୟତ ମାଳିହତା ଗ୍ରାମର ସାମାଜିକ କର୍ମୀ ତଥା ରାଜନେତା ରଥୀନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତପନ ମହାନ୍ତି ନାମରେ ବ୍ଲକରେ ବେଶ ଜଣାଶୁଣା ଥିବା ରଥୀନ୍ଦ୍ର ଦୀର୍ଘ ଦିନ ହେବ କିଡନି ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ମାଳିହତାସ୍ଥିତ ଶିବମୁନୀ ଶିକ୍ଷା ନିକେତନ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନାରାୟଣ ଦେ ଓ ପରିଚାଳନା କମିଟି ସଦସ୍ୟ ଅବିନାଶ ମହାନ୍ତିଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

# ଜନଶୁଣାଣି ବୈଠକ ବର୍ଜନ କଲେ ସରପଞ୍ଚ, ସମିତିସଭ୍ୟ

ମୋରଡ଼ା,୨୬।୯(ସ୍ୱାରକ ମାଜୀ)

ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ ବ୍ଲକ କାର୍ଯ୍ୟାଳୟର କନଫରେନ୍ସ ହଲରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିଓ ରଜନୀକାନ୍ତ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବାବେଳେ ମୋରଡା ବିଡିଓ ଅଣାକର ନାଏକ, ଏଇଇ ମୋତିଲାଲ ତୁଙ୍ଗ, ଜିଲାସ୍ତରୀୟ ସାମାଜିକ ସମୀକ୍ଷା ଅଧିକାରୀ ପ୍ରଦୀପ କୁମାର ଚକ୍ରବର୍ତ୍ତୀ, ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଅଧିକାରିଣୀ ମିତା ବେଷ୍ଟକାର, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ରୂପସ୍ୱିନି ରଣା ପ୍ରମୁଖଙ୍କ ସହିତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ୨୦୨୩-୨୦୨୪ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ଲକର ୨୦ଟି ପଞ୍ଚାୟତରେ ହୋଇଥିବା ପ୍ରକଳ୍ପଗୁଡ଼ିକ ବାବଦରେ ସମୀକ୍ଷା କରାଯାଇଥିଲା। ତେବେ ୨୦ଟି ପଞ୍ଚାୟତ ମଧ୍ୟରୁ ଚିତ୍ରଡ଼ା, କୋହି, ହଳଦୀପାଳ, ଗଡ଼ିଆ ପଞ୍ଚାୟତରେ ଉକ୍ତ ଯୋଜନାରେ ଖୁବ୍ କମ୍ କାର୍ଯ୍ୟ ହୋଇଛି ବୋଲି ଜଣାପଡ଼ିଥିଲା। ସେହିପରି ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଦୁର୍ଗାପୁର ପଞ୍ଚାୟତର ହୋଇଥିବା ଦୁଇଟି ପ୍ଲାଣ୍ଟେସନ ପ୍ରକଳ୍ପରେ ୫୦ ପ୍ରତିଶତ ଗଛ ଲଗାଯାଇନାହିଁ। ଏନେଇ ବିଭାଗୀୟ ଅଧିକାରୀଙ୍କୁ ସିଡିଓ ତାଗିଦା କରିଥିଲେ। ବର୍ତ୍ତମାନ ମୋରଡ଼ା ବ୍ଲକରେ ମୋଟ ୨୦୯୧୫ ଜଣ ଶ୍ରମିକ ଥିବା ବେଳେ ମାତ୍ର ୪୧ ଜଣ ଶ୍ରମିକ ଶହେ ଦିନର କାର୍ଯ୍ୟ କରିଥିବା ଉକ୍ତ ବୈଠକରୁ ଜଣାପଡ଼ିଥିଲା। ତେବେ ବୈଠକ ବହୁ ବିଳମ୍ବରେ ଆରମ୍ଭ ହୋଇଥିବାରୁ ସରପଞ୍ଚ ଓ ସମିତି ସଭ୍ୟମାନେ ବର୍ଜନ କରିଥିବା ଦେଖିବାକୁ ମିଳିଥିଲା।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ବଢୁଛି ଗଙ୍ଗାହାର, ବୁଢ଼ାବଳଙ୍ଗ ଜଳସ୍ତର

ବୈଶିଙ୍ଗା,୨୬।୯(ରତନ ଦାଶ)- ଲଘୁଚାପ ଜନିତ ଅବିଶ୍ରାନ୍ତ ବର୍ଷା ଯୋଗୁ ଗଙ୍ଗାହାର ଓ ବୁଢ଼ାବଳଙ୍ଗ ନଦୀ ଜଳସ୍ତର ବୃଦ୍ଧି ପାଇଛି। ଯେକୌଣସି ମୁହୂର୍ତ୍ତରେ କୂଳ ଲଙ୍ଘିବାର ସମ୍ଭାବନା ସୃଷ୍ଟି ହୋଇଛି। ବୈଶିଙ୍ଗା ଥାନା ତଥା ବଡ଼ସାହି ବ୍ଲକ ଅନ୍ତର୍ଗତ ମାନଗୋବିନ୍ଦପୁର ପଞ୍ଚାୟତର ଶାଳଗାଁ, ଡୁମୁରିଆ, ନୁଣକୁଆ,ଭୁରୁଡ଼ିଆ,ଜଡିଦା,ଆଗରିଆ,ନରଣଗାଁ ଏବଂ ଗଙ୍ଗାହାର ନଦୀର ଅପର ପାର୍ଶ୍ୱରେ ଥିବା ଭୀମଦା, ମଙ୍ଗଳପୁର, ଦୁର୍ଗାଦେବୀ, ଦେଖଣ୍ଡ ପ୍ରଭୃତି ଗ୍ରାମର ଶତାଧିକ ଲୋକ ଜଳବନ୍ଦୀ ହୋବର ଆଶଙ୍କା ଦେଖାଦେଇଛି। ମାଣତ୍ରୀ ଓ ଭୀମଦା ମୁଖ୍ୟ ରାସ୍ତା ଉପରେ ପାଣି ଚାଲୁଥିବା ସୂଚନା ମିଳିଛି। ତେବେ ଏଭଳି ସ୍ଥିତିରେ କଚ୍ଚା ଘରେ ଏବଂ ତଳିଆ ଅଞ୍ଚଳରେ ରହୁଥିବା ଲୋକମାନଙ୍କ ପ୍ରତି ବିପଦ ଅଧିକ ରହିଛି। ତେବେ ବଡ଼ସାହି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନଜା ଦାସଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଅଧିକାରୀମାନେ ଉକ୍ତ ଅଞ୍ଚଳ ଗସ୍ତ କରି ସ୍ଥିତି ଉପରେ ନଜର ରଖିଥିବା ସୂଚନା ମିଳିଛି। ବିଧାୟକ ସନାତନ ବିଜୁଳି ବନ୍ୟା ଜଳ ପ୍ରବାହିତ ହୋଇ ଧୋଇ ଯାଇଥିବା ରାସ୍ତା ଓ ପୋଲ ଗୁଡ଼ିକର ଯୁଧକାଳୀନ ଭିତ୍ତିରେ ମରାମତି ପାଇଁ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ତେବେ ସମଗ୍ର ଅଞ୍ଚଳ ଜଳାର୍ଣ୍ଣବ ହୋଇ ପଡ଼ିଥିବା ଯୋଗୁ ଅଦ୍ୟାବଧି ରାସ୍ତା ମରାମତି ହୋଇ ପାରି ନ ଥିବା ବେଳେ ପୁଣି ଏକ ବନ୍ୟା ଆଶଙ୍କା ଚିନ୍ତାର କାରଣ ପାଲଟିଛି। ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପାଟଳୀପୁରା ପଞ୍ଚାୟତର ବେଲାଣପୁର ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରି ରଖାଯାଇଛି।

# ପୁଣି ବୁଡ଼ିଲା ଖଡ଼ିକାପଦା କଲଭର୍ଟ

**କୁଆମରା-ବଡ଼ସାହି ଯୋଗାଯୋଗ ବିଚ୍ଛିନ୍ନ**


ଖଡ଼ିକାପଦା କଲଭର୍ଟ ଉପରେ ପ୍ରବାହିତ ବନ୍ୟାଜଳ।

ଗୋପବନ୍ଧୁ ନଗର ୨୬।୯(ଶାନ୍ତନୁ କୁମାର ମଣ୍ଡୁଆଳ)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଗଙ୍ଗାହାର ନଦୀରେ ଜଳପତ୍ତନ ବୃଦ୍ଧି ପାଇଛି। ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ଏହି ନଦୀର ବଡ଼ସାହି-କୁଆମରା ରାସ୍ତାର ଖଡ଼ିକାପଦା କଲଭର୍ଟ ଉପରେ ଗୁରୁବାର ସକାଳଠାରୁ ୪ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଛି। ଫଳରେ କୁଆମରା-ବଡ଼ସାହି ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ବୁଧବାର ରାତିଠାରୁ ବନ୍ୟା ଜଳ ଧୀରେ ଧୀରେ ବଢୁଥିବା ବେଳେ ଗୁରୁବାର ଅପରାହ୍ନରେ ଜଳସ୍ତର ସାମାନ୍ୟ କମିଥିବା ଦେଖିବାକୁ ମିଳିଛି। ତେବେ ନଦୀକୂଳରେ ବସବାସ କରୁଥିବା କୁଆମରା ପଞ୍ଚାୟତର କସିବଣୀ, ପଶୁଦା ପଞ୍ଚାୟତର ଭୋଳପଦା ଓ ବଡ଼ସାହି ବ୍ଲକର ଖଡିକାପଦା ଗ୍ରାମ ପ୍ରତି ବିପଦ ରହିଛି। ଏଠାରେ ଗଙ୍ଗାହାର ଓ ନାଲୁହା ନଦୀର ମିଶ୍ରଣ ହୋଇଥିବା ବେଳେ ନାଲୁହା ନଦୀର ବନ୍ୟା ଜଳ ସ୍ଥିର ରହିଛି। ସେହିପରି ଖଡିକାପଦା ତଳେ ଥିବା ବଡ଼ସାହି ବ୍ଲକର ପଟିସାରୀ ପଞ୍ଚାୟତର ଅଧିକାଂଶ ଗ୍ରାମ ଓ ଚାଷ ଜମିରେ ନଦୀ ଜଳ ପଶିଥିବା ଦେଖିବାକୁ ମିଳିଛି।

# ସତର୍କ ସଙ୍କେତ ଟପିଲା ଜଳକା

■ ବାଲେଶ୍ୱରରେ ୪୦୩ମି.ମି. ବର୍ଷା

■ ପୁଣି ବନ୍ୟା ଆଶଙ୍କା, ଚିନ୍ତାରେ ଚାଷୀକୁଳ

ବାଲେଶ୍ୱର, ୨୬।୯(ବାଞ୍ଛାନିଧି ଦେ)

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ଲଗାଣବର୍ଷା ଜାରି ରହିଛି। ୩ଦିନ ଧରିବାଲେଶ୍ୱରଜିଲାରେପ୍ରବଳବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ୪୦୩ମି.ମି. ବର୍ଷା ହୋଇଥିବା ବେଳେ ଜଳେଶ୍ୱର ବ୍ଲକରେ ସର୍ବାଧିକ ଓ ବସ୍ତାରେ ସର୍ବନିମ୍ନ ରେକର୍ଡ ହୋଇଛି। ସେହିପରି ଜିଲାରେ ପ୍ରବାହିତ ଜଳକା ନଦୀର ଜଳସ୍ତର ସତର୍କ ସଙ୍କେତ ଟପିଥିବା ବେଳେ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ବୃଦ୍ଧି ପାଉଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ପୁଣି ବନ୍ୟା ଆଶଙ୍କା ନେଇ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳକା ନଦୀ ଅବବାହିକା ସମେତ ନଦୀର ଉପରମୁଣ୍ଡ ପଡ଼ୋଶୀ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର, ମୋରଡ଼ା, ଶୁଳିଆପଦା ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧି ପାଉଛି। ମଥାନୀଠାରେ ନଦୀର ସତର୍କ ସଙ୍କେତ ୬ ମିଟର ଥିବା ବେଳେ ଗୁରୁବାର ରାତି ୮ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୩୯ ମିଟରରେ ପ୍ରବାହିତ ହେଉଛି। ଏହାର ବିପଦ ସଙ୍କେତ ୬.୫୦ମିଟରେ ରହିଛି। ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ଉପକୂଳବର୍ତ୍ତୀ ଗ୍ରାମବାସୀ ବନ୍ୟା ଆଶଙ୍କାରେ ଭୟଭୀତ ଅବସ୍ଥାରେ ଅଛନ୍ତି। ପୁଣି ବନ୍ୟା ଆସିଲେ ଧାନ ଓ ପରିବା ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବା ସୁନିଶ୍ଚିତ। ସେହିପରି ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ବିପଦ ସଙ୍କେତ ୧୦.୩୬ ମିଟର ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୭.୯୩ ଓ ବୁଢ଼ାବଳଙ୍ଗ ନଦୀର ବିପଦ ସଙ୍କେତ ୮.୧୩ ମିଟର ଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୬.୮୦ମିଟରରେ ପ୍ରବାହିତ ହେଉଛି।

ସୂଚନା ଯେ, ଲଘୁଚାପଜନିତ ଲଗାଣବର୍ଷା ଯୋଗୁ ଜିଲାରେ ଚଳିତବର୍ଷ ଗତ ୧୫ ତାରିଖରେ ପ୍ରଥମ ବନ୍ୟା ଦେଖାଦେଇଥିଲା। ଭୋଗରାଇ, ବସ୍ତା, ବାଲିଆପାଳ ଓ ଜଳେଶ୍ୱର ବ୍ଲକ ଅଧିକ ପ୍ରଭାବିତ ହୋଇଥିଲା। ଗତ ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲା ଗସ୍ତରେ ଆସି ଆକାଶ ମାର୍ଗରୁ ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ବନ୍ୟା କ୍ଷତିଗ୍ରସ୍ତଙ୍କ ନିମନ୍ତେ ସହାୟତା ରାଶି ଘୋଷଣା କରିଥିଲେ।


ସତର୍କ ସଙ୍କେତ ଉପରେ ଜଳକାର ଜଳସ୍ତର।

## ୨ ମନ୍ଦିରରୁ ଚୋରି

### ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟିନେଲେ

ବାହାନଗା, ୨୬।୯(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ କଲ୍ୟାଣି ପଞ୍ଚାୟତର ଦୁଇଟି ମନ୍ଦିରରୁ ଚୋରି ହୋଇଛି । ରୋହଲା ପୋଖରୀ ଆଡିରେ ଥିବା ହନୁମାନ ମନ୍ଦିର ଓ ମା' ମଙ୍ଗଳା ମନ୍ଦିରରୁ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ହନୁମାନ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ହନୁମାନଙ୍କ ରୁପା ମୁକୁଟ, ବଳା, ସୁନା ଚିତ୍ତା, ହୁଣ୍ଡିବାକ୍ସକୁ ଭାଙ୍ଗି ଆନୁମାନିକ ୩ଲକ୍ଷ ଟଙ୍କାକୁ ଲୁଟି ନେଇଥିବା ଜଣାପଡିଛି। ସେହିପରି ହନୁମାନ ମନ୍ଦିରଠାରୁ ୨ଶହ ମିଟର ଦୂରରେ ଥିବା ମା' ମଙ୍ଗଳାଙ୍କ ମନ୍ଦିରରୁ ମଧ୍ୟ ହୁଣ୍ଡିବାକ୍ସ ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ବେଳେ ୨ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି କରିନେଇଥିବା ଦେଖାଯାଇଛି। ଗୁରୁବାର ସକାଳେ ପୂଜକ ମନ୍ଦିର ପୂଜା କରିବା ପାଇଁ ଆସିବା ବେଳେ କବାଟ ଭଙ୍ଗାଯାଇଥିବା ସହିତ ହୁଣ୍ଡିବାକ୍ସ ଭଙ୍ଗାଯାଇଥିବା ଦେଖି ଲୋକମାନଙ୍କୁ ଖବର ଦେଇଥିଲେ। ଏନେଇ ଗ୍ରାମବାସୀଙ୍କ ତରଫରୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଔପଦା ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଚୟନ

ଔପଦା, ୨୬।୯(ଧରିତ୍ରୀ ପଣ୍ଡା)

ଶିକ୍ଷାବିଭାଗ ପକ୍ଷରୁ ଔପଦା ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଚୟନ ପ୍ରବଳ ବର୍ଷାରେ ଚିଞ୍ଚୁଡ଼ା ଗ୍ରାମ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଔପଦା ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବିଧାୟକ ସନ୍ତୋଷ ଖଟୁଆ ଉଦ୍‌ଘାଟନ କରି ପ୍ରତିକୂଳ ପାଗ ସତ୍ତ୍ୱେ ପିଲାମାନେ କ୍ରୀଡ଼ାରେ ଭାଗ ନେଇଥିବାରୁ ସାଧୁବାଦ ଜଣାଇଥିଲେ। ଏହାଦ୍ୱାରା ପିଲାଙ୍କ ପ୍ରତିଭା ବୃଦ୍ଧି ହୁଏ ବୋଲି କହିଥିଲେ। ଏହି ପ୍ରତିଯୋଗିତା ଚୟନରେ ବ୍ଲକ ଅଧ୍ୟକ୍ଷା ବିସିବିମ୍ବା ପାତ୍ର, ଉପାଧ୍ୟକ୍ଷ ପ୍ରଭାକର ସାହୁ, ଜିଲା ପରିଷଦ ସଭ୍ୟା ମୁନି ସିଂ, ଏବିଇଓ ରତ୍ନାକର ଦାଶ, ବ୍ଲକ କ୍ରୀଡା ସମ୍ପାଦକ ଖେଳ ଶିକ୍ଷକ ଚକ୍ରଧର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଚିଞ୍ଚୁଡ଼ା ପଲ୍ଲିଶ୍ରୀ ନୋଡ଼ାଲ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ନାୟକ ଧନ୍ୟବାଦ ଦେଇଥିଲେ। ବର୍ଷାରେ ପିଲାମାନେ ଭିଜି ଭିଜି ପାଣି କାଦୁଅରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀଶିକ୍ଷକ ଖେଳକୁ ପରିଚାଳନା କରିଥିଲେ।

## ଭସାଣିରେ ବାଜିବନି ଡିଜେ

### ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ଜଳେଶ୍ୱର, ୨୬।୯(ନବୀନ ସାହୁ)

ଜଳେଶ୍ୱର ପୋଲିସ ତରଫରୁ ଗୁରୁବାର ନୂଆବଜାର ମୂରଲୀ କଲ୍ୟାଣ ମଣ୍ଡପଠାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୩୬ଟି ପୂଜା କମିଟି ସଦସ୍ୟ ଭାଗ ନେଇଥିଲେ। ଏଥିରେ ଗତବର୍ଷ ଦୁର୍ଗା ପୂଜା ସମୟରେ ପ୍ରଶାସନ ଦ୍ୱାରା ବିଭିନ୍ନ ଅବହେଳା ବିଷୟରେ ଅଭିଯୋଗ କରିଥିଲେ। ଚଳିତବର୍ଷ ଜଳେଶ୍ୱର ଷ୍ଟେଶନ ବଜାରଠାରୁ ବଡବଜାର ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ, ଭିଡ ନିୟନ୍ତ୍ରଣ ପାଇଁ ଟ୍ରାଫିକ ଓ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା, ପୂଜା ସମୟରେ ଜଳେଶ୍ୱର ପୋଲିସ ଉପଖଣ୍ଡ ଅଧୀନରେ କୌଣସି ଅଧିକାରୀଙ୍କୁ ବାଲେଶ୍ୱରକୁ ନିଆ ନ ଯିବା, ପୂଜା ୩ ଦିନ ସମୟ ପୂଜାମେଢ଼ ପାଖାପାଖି ଅଞ୍ଚଳରେ ମାଂସକଟା ବନ୍ଦ ପାଇଁ ଅନୁରୋଧ କରିଥିଲେ। ସପ୍ତମୀ, ଅଷ୍ଟମୀ ଓ ନବମୀରେ ମଦ ଦୋକାନ ବନ୍ଦ, ଜଳେଶ୍ୱର ବଡବଜାରରୁ ନୂଆବଜାର ରେଲୱେ ଓଭରବ୍ରିଜରେ ଆଲୋକୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବାବଦରେ ଉପସ୍ଥିତ ସଦସ୍ୟମାନେ ଉପସ୍ଥାପନ କରିଥିଲେ। ଏ ବାବଦରେ ବିଭାଗୀୟ ଅଧିକାରୀ/ଯନ୍ତ୍ରୀ ସମସ୍ୟା ସମାଧାନ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଭସାଣି ଉତ୍ସବରେ ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା ଜଳେଶ୍ୱର ଏସଡିପିଓ ଦିଲୀପ କୁମାର ସାହୁ କହିଥିଲେ। ବୈଠକରେ ଜଳେଶ୍ୱର ଥାନା ଆଇଆଇସି ରଞ୍ଜନ କୁମାର ସେଠୀ, ଜଳେଶ୍ୱର ଅତିରିକ୍ତ ତହସିଲଦାର ଅଭୟ ସ୍ୱାଇଁ, ଜଳେଶ୍ୱର ବିଦ୍ୟୁତ୍ ବିଭାଗ ସିନିୟର୍ ଯନ୍ତ୍ରୀ ଭୁବନାନନ୍ଦ ସାହୁ, ଅବକାରୀ ବିଭାଗ ଅଧିକାରୀ ବୀରେନ୍ଦ୍ର ଲାକ୍ରା, ଜଳେଶ୍ୱର ପୌରପାଳିକା ଅଧ୍ୟକ୍ଷ ପ୍ରତୀପ କୁମାର୍ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ସଞ୍ଜିତା ସେନାପତି, ସାମାଜିକ କର୍ମୀ ଦିଲୀପ ଗିରି, ଭାଜପା ନେତା ବ୍ରଜମୋହନ ପ୍ରଧାନ, ବରିଷ୍ଠ ଆଇନଜୀବୀ ଅନୀଲ ପରିଡା, ଜଳେଶ୍ୱର ବାର ଆସୋସିଏଶନ ସଭାପତି କୁଞ୍ଜବିହାରୀ ଦାସଙ୍କ ସମେତ ବହୁ ସରପଞ୍ଚ ଉପସ୍ଥିତ ଥିଲେ।

## ଶ୍ରେଣୀ ବର୍ଜନ କରି ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

### ବାଲିଆଝରର ସରକାରୀ (ଏସ୍ଏସ୍‌ଡ଼ି) ଉଚ୍ଚ ବିଦ୍ୟାଳୟ

ନୀଳଗିରି, ୨୬।୯(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ସରକାରୀ (ଏସ୍ଏସ୍‌ଡି) ଉଚ୍ଚ ଆବାସିକ ବିଦ୍ୟାଳୟ ବାଲିଆଝରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି। ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହ ବର୍ଜନ କରି ବିଦ୍ୟାଳୟ ସମ୍ମୁଖରେ ମାଟ୍ରନଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ତାଙ୍କର ବଦଳି ଦାବିରେ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍‌ସି), ସ୍ଥାନୀୟ ସରପଞ୍ଚ ସଞ୍ଜୟ ସିଂ ପହଞ୍ଚି ବୁଝାଶୁଝା କରୁଥିବା ବେଳେ ଫୋନ ଯୋଗେ ଜିଲା ମଙ୍ଗଳ ଅଧିକାରିଣୀ ବିଦ୍ୟୁତଲତା ମହାପାତ୍ର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ଅଭିଯୋଗ ଅନୁସାରେ ଗତ ସେପ୍ଟେମ୍ବର ୨୨ରେ ବିଦ୍ୟାଳୟ ହଷ୍ଟେଲ ମେସ୍‌ରେ ମାଂସ ବଦଳରେ ଛତୁ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ ୧୫ କେଜି ଛତୁ ଆସିଥିଲା। ସେଦିନ ପ୍ରଧାନ ଶିକ୍ଷକ ଅନୁପସ୍ଥିତ ଥିବା ବେଳେ ରୋଷେଇ ଦାୟିତ୍ୱରେ ମାଟ୍ରନ ଅବନ୍ତୀ ଦାସ, ଦୁଇ ସିସିଏ ମାମି ମୁର୍ମୁ ଓ ଦୀପକ କୁମାର ସିଂ ଦାୟିତ୍ୱରେ ଥିଲେ। ସେମାନେ ଜାଣିଶୁଣି ୩୦ପ୍ୟାକେଟ୍ ଛତୁ ସ୍ଥାନରେ ୨୫ ପ୍ୟାକେଟ୍‌ରେ ରୋଷେଇ କରି ଅନ୍ୟ ୫ ପ୍ୟାକେଟକୁ ହଡ଼ପ ମତଲବରେ ରଖି ଦେଇଥିଲେ। ଏନେଇ ଛାତ୍ରୀଛାତ୍ର ଓ ଖାଦ୍ୟମନ୍ତ୍ରୀ ଜାଣିବା ସହ ପ୍ରଧାନ ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ପ୍ରଧାନ ଶିକ୍ଷକ ପରିଚାଳନା କମିଟି ଓ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ଉକ୍ତ ୩ଜଣଙ୍କୁ ତାଗିଦ୍ କରିବା ସହ ଏହାର ପୁନରାବୃତ୍ତି ଯେମିତି ନ ହେବ ବୋଲି କୁହାଯାଇଥିଲା। କାର୍ଯ୍ୟରତ ମାଟ୍ରନ ଅବନ୍ତୀ ଦାସ ଏହି ବିଷୟକୁ ରାଗ ରଖି ଗୁରୁବାର ଛାତ୍ରାବାସରେ ଅନ୍ତେବାସୀଙ୍କୁ ଖାଇବାକୁ ଦିଆଯାଉଥିବା ବେଳେ ବିଭିନ୍ନ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରିବା ସହ ଖାଇବା ବେଳେ ଭିଡିଓ ଉତ୍ତୋଳନକୁ ନେଇ ଅଶାନ୍ତି ହୋଇଥିଲା। ମାଟ୍ରନ ଅବନ୍ତୀ ଦାସ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି।


ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ପ୍ରଦର୍ଶନ।

## ନୂଆ କୌଶଳ ବିକାଶ କେନ୍ଦ୍ର ଲୋକାର୍ପିତ


ଉଦ୍‌ଘାଟନୀ ଉତ୍ସବରେ ସିଇଓଙ୍କ ସହିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ

■ ଦକ୍ଷତା ଓ କୌଶଳ ବୃଦ୍ଧିକୁ ଟିପିଏନଓଡିଏଲର ଗୁରୁତ୍ୱ

■ ପ୍ରଶିକ୍ଷଣ ନେବେ କର୍ମଚାରୀ ଓ ଛାତ୍ରୀଛାତ୍ର

■ ଯୋଡ଼ା, ରାହାଞ୍ଜ ଓ ପାଣିକୋଇଲି କେନ୍ଦ୍ର ଖୋଲିବ

ବାଲେଶ୍ୱର, ୨୬।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ମୟୂରଭଞ୍ଜ ଜିଲା ବେତନଟୀଠାରେ ନୂତନ କୌଶଳ ବିକାଶ କେନ୍ଦ୍ରର ଲୋକାର୍ପଣ କରାଯାଇଛି। ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଦ୍ୱିଜଦାସ ବସକ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି କୌଶଳ ବିକାଶ କେନ୍ଦ୍ର ଟିପିଏନଓଡିଏଲର କର୍ମଚାରୀଙ୍କ ଦକ୍ଷତା ବିକାଶ କରିବା ସହିତ ବିଏ କର୍ମଚାରୀ ଓ ଡିପ୍ଲୋମା ତଥା ଆଇଟିଆଇ ଛାତ୍ରୀଛାତ୍ରଙ୍କ କୌଶଳ ଏବଂ ବ୍ୟବହାରିକ(ପ୍ରାକ୍ଟିକାଲ) ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେବ। ବୈଦ୍ୟୁତିକ ସେବା ଓ ସୁରକ୍ଷା, ବିଦ୍ୟୁତ ସେବା ସଞ୍ଚାରଣ ଓ ବିତରଣ ବ୍ୟବସ୍ଥା, ଅକ୍ଷୟ ସୌର ଶକ୍ତି ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବାକୁ ଥିବା ବେଳେ ବିଶେଷତଃ ଟିପିଏନଓଡିଏଲର ନବାଗତ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ବାଲେଶ୍ୱର ଓ ବେତନଟୀ ପରେ ଚଳିତବର୍ଷ ଶେଷ ସୁଦ୍ଧା କେନ୍ଦୁଝରରେ ଯୋଡ଼ା, ଭଦ୍ରକରେ ରାହାଞ୍ଜ ଓ ଯାଜପୁରର ପାଣିକୋଇଲିରେ ନୂଆ କୌଶଳ ବିକାଶ କେନ୍ଦ୍ର ଲୋକାର୍ପଣ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅପରେଶନ ମୁଖ୍ୟ ନୀଲେଶ ପୋଟଫଡେ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ମାନବ ସମ୍ବଳ ବିଭାଗ ମୁଖ୍ୟ ରମେନ୍ଦ୍ର ବଣିକ, କୌଶଳ ବିକାଶ ବିଭାଗ ମୁଖ୍ୟ ସତୀଶ ମହାଜନ, ବାରିପଦା ଅଧୀକ୍ଷଣ ଯନ୍ତ୍ରୀ ହରିଶ ପଣ୍ଡା, ତନୁଜ ପଟ୍ଟନାୟକ (ଏଚ୍ଓଜି ସିଭିଲ)ଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷେ ଟିପିଏନଓଡିଏଲ ବିଭିନ୍ନ ସରକାରୀ ଆଇଟିଆଇଗୁଡ଼ିକ ସହ ବୁଝାମଣାପତ୍ର ସ୍ୱାକ୍ଷର କରି ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ପିଲାଙ୍କ ଦକ୍ଷତା ବଢ଼ାଇବା ଦାୟିତ୍ୱ ନେଇଛି। ଫଳରେ ପିଲାମାନେ କୁଶଳୀ ହେବା ସହ ନିଯୁକ୍ତି ପାଇବା ପାଇଁ ଦକ୍ଷ ହେଉଛନ୍ତି। କେବଳ ଇଲେକ୍ଟ୍ରିସିଆନ ବର୍ଗର ଛାତ୍ରୀଛାତ୍ରଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ସେମାନଙ୍କୁ ଯୁଗ ଉପଯୋଗୀ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଶିଳ୍ପ ସଂସ୍ଥା ଆବଶ୍ୟକ କରୁଥିବା ଦକ୍ଷତା ଜ୍ଞାନ ପ୍ରଦାନ କରାଯାଉଛି।

## ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ବଡ଼ସାହି, ୨୬।୯(ସମ୍ବିତ କୁମାର ରାଉତ)

ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ କଟକଠାରେ ଅନୁଷ୍ଠିତ କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଭାରେ ଗୃହୀତ ପ୍ରସ୍ତାବ ଅନୁସାରେ ବଡ଼ସାହି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ନୂତନ ପେନସନ ଯୋଜନା ୟୁପିଏସ୍‌ର ପ୍ରତ୍ୟାହାର ଓ ପୁରୁଣା ପେନସନ ଯୋଜନା ଓପିଏସ୍‌ର ପୁନଃ ପ୍ରଚଳନ ଦାବିରେ ବଡ଼ସାହି ବିଡିଓ ବିଡିଓ ବନଜା ଦାସଙ୍କ ଜରିଆରେ ଏହି ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ରଣଜିତ କୁମାର ଦାସଙ୍କ ନେତୃତ୍ୱରେ ପରିଚାଳିତ ଏହି ଅଭିଯାନରେ ସଂଘର ମୁଖପାତ୍ର ତଥା ସଂଯୋଜକ ଶଚୀନ୍ଦ୍ର କୁମାର ବିଶ୍ୱାଳ, ସହ ସମ୍ପାଦକ ଅନନ୍ତ କୁମାର ଶତପଥୀ, ଉପ ସଭାପତି ବସନ୍ତ କୁମାର ମହାପାତ୍ର, ସଂଘର ଉପଦେଷ୍ଟା ତଥା ରାଜ୍ୟ ଜୋନାଲ ସଂଗଠନ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା, ହିସାବ ରକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ଅନ୍ୟତମ ସଦସ୍ୟ ପ୍ରତାପ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ବେହେରା, ପ୍ରଭାସ ଚନ୍ଦ୍ର ଭୋଇ ପ୍ରମୁଖ ସାମିଲ ହୋଇ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

## ରାଇବଣିଆ ସୀମାରେ ୫୨ ହାତୀ

ଜଳେଶ୍ୱର, ୨୬।୯(ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ରାଇବଣିଆରେ ୨ଟି ହାତୀପଲର ୨୯ଟି ହାତୀ ୬ଦିନ ହେଲା ବିଭିନ୍ନ ସ୍ଥାନରେ କ୍ଷତି ଘଟାଇବା ସହ ଆତଙ୍କ ଚଳାଇଛନ୍ତି। ରାଇବଣିଆ ସୀମାରେ ରାସଗୋବିନ୍ଦପୁର ବନାଞ୍ଚଳରେ ୨୩ଟି ହାତୀ ରାଇବଣିଆ ଅଭିମୁଖେ ଆସୁଥିବା ଜଣାଯାଇଛି। ହାତୀକୁ ଜଗିବା ଲାଗି ଏସିଏଫ ଜୟଶ୍ରୀ ମୁର୍ମୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ୨୧ ତାରିଖ ମଧ୍ୟରାତ୍ରରେ ଶିମିଳିପାଳର ୨୮ଟି ହାତୀ ଲୁହାପଡା ଜଙ୍ଗଲରେ ରହିଥିଲେ। ୨୩ତାରିଖ ପର୍ଯ୍ୟନ୍ତ ହାତୀଗୁଡିକ ସେହି ଜଙ୍ଗଲରେ ରହିଥିବା ବେଳେ ୨୪ତାରିଖରୁ ନିକଟସ୍ଥ ଗ୍ରାମାଞ୍ଚଳ ଜମିରେ କ୍ଷତି ଆରମ୍ଭ କରିଥିଲେ। ଗୁରୁବାର ମଧ୍ୟ ସେମାନେ ଚାଷ ଜମିରେ କ୍ଷତି ଘଟାଇଥିବା ବେଳେ ଅନ୍ୟ ୨୩ଟି ଝାଡଖଣ୍ଡୀ ହାତୀ ରାଇବଣିଆ ସୀମାଠାରୁ ମାତ୍ର ୧ କି.ମି. ଦୂରରେ ରହିଥିବା ଜଣାଯାଇଛି। ପ୍ରାୟ ୧୨ଏକରରୁ ଅଧିକ ଜମିର ଚାଷ ନଷ୍ଟ ହୋଇଥିବା ବେଳେ ଅଦ୍ୟାବଧି କୌଣସି ଚାଷୀ ଆବେଦନ କରି ନ ଥିବା ବନପାଳ ପ୍ରହ୍ଲାଦ ଚରଣ ନାୟକ କହିଛନ୍ତି। ବର୍ତ୍ତମାନ ଏସିସିଏ ଓ ଏଡିଏସ କର୍ମଚାରୀମାନେ ହାତୀର ଗତିବିଧି ଲକ୍ଷ୍ୟ ଲାଗି ସେଠାରେ ଜଗିରହିଛନ୍ତି। ଅନ୍ୟପକ୍ଷରେ ପ୍ରତିକୂଳ ପାଗ ମଧ୍ୟରେ ହାତୀ ଲାଗି ବିଦ୍ୟୁତ୍‌କାଟ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟ ଦୁଃଖ ବଢିଯାଇଛି ।

## ଉପଖଣ୍ଡସ୍ତରୀୟ ଶାନ୍ତି କମିଟି ବୈଠକ

କରଞ୍ଜିଆ, ୨୬।୯(କବିତା ମହାନ୍ତ)

ଆସନ୍ତା ଦୁର୍ଗା ପୂଜା ଉପଲକ୍ଷେ କରଞ୍ଜିଆ ଉପଖଣ୍ଡସ୍ତରୀୟ ଶାନ୍ତି କମିଟି ବୈଠକ ଏସ୍‌ଡିପିଓ ସୁବ୍ରତ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଖଣ୍ଡର ପାଞ୍ଚଟି ବ୍ଲକ କରଞ୍ଜିଆ, ଠାକୁରମୁଣ୍ଡା, ଶୁକ୍ରୁଳି, ରରୁଆଁ ଓ ଯଶିପୁର ଅଞ୍ଚଳରେ ହେଉଥିବା ବିଭିନ୍ନ ପୂଜା କମିଟିର କାର୍ଯ୍ୟକର୍ତ୍ତା, ସାମ୍ବାଦିକ, ନିର୍ବାଚିତ ପ୍ରତିନିଧି ଓ ଶାନ୍ତି କମିଟିର ସଭ୍ୟା ସଭ୍ୟମାନଙ୍କ ସହିତ ଉପଖଣ୍ଡ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏସ୍‌ଡିପିଓ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଓ ପୂଜା ନିୟମକୁ ମାନିବାକୁ ଅନୁରୋଧ କରିଥିଲେ। ପୂଜା ସମୟରେ କେବଳ ଭଜନ ବାଜିବ, ପୂଜାମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ରହିବ, ଭକ୍ତମାନେ ଶାନ୍ତିଶୃଙ୍ଖଳାର ସହିତ ଯେପରି ମା'ଙ୍କୁ ଦର୍ଶନ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ପୂଜା କମିଟିକୁ ଅନୁରୋଧ କରିଥିଲେ। ଭସାଣି ଗୋଟିଏ ଦିନରେ ହେବ ବୋଲି ଏସ୍‌ଡିପିଓ ଜଣାଇ ଥିଲେ। ବୈଠକରେ ଆସିଷ୍ଟାଣ୍ଟ କଲେକ୍ଟର ବେଦବ୍ୟାସ ଭୋଇ ବିଡିଓ ସୁଶାନ୍ତ କୁମାର ସୁତାର, ତହସିଲଦାର ବିଦ୍ୟାଧର ପତି ,ଅଗ୍ନିଶମ ଅଧିକାରୀ ଦୀପକ ଜେନା, ଶୁକ୍ରୁଳୀ ତହସିଲଦାର ଯତୀନ୍ଦ୍ର କୁମାର ସେଠି, ଅବକାରୀ ବିଭାଗ, ବିଦ୍ୟୁତ୍ ବିଭାଗ, ଯଶିପୁର ଥାନା ଆଇଆଇସି ସଂଯୁକ୍ତା ମହାଳିକ, ଯନ୍ତ୍ରୀ ହରିହର ବେହେରାଙ୍କ ସହିତ ଅନ୍ୟ ସମସ୍ତ ଅଧିକାରମାନେ ଉପସ୍ଥିତ ଥିଲେ।

## କୁନି ବୈଜ୍ଞାନିକଙ୍କୁ ବାଛିବା ହିଁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ମୂଳମନ୍ତ୍ର

### ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

ସିମୁଳିଆ, ୨୬।୯(ସନ୍ତୋଷ ନାୟକ)

ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଓ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗୁରୁବାର ସିମୁଳିଆ ବ୍ଲକ ରଘୁନାରାୟଣ ବିଦ୍ୟାଳୟ ପରିସର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଦ୍ୱାରା ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୧୫୫ଟି ବିଦ୍ୟାଳୟରୁ ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗରେ ମୋଟ ୨୬୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ବିଜ୍ଞାନ କୁଇଜ ପୁସ୍ତକ ପ୍ରଦାନ କରାଯାଇ ସମ୍ମାନିତ କରାଯିବା ସହ ବିଭିନ୍ନ ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ମୋଟ୍ ୯ ଜଣଙ୍କୁ ଶ୍ରେଷ୍ଠ ରୂପେ ସମ୍ମାନିତ କରାଯାଇଥିଲା ।

ଏହି ଅବସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଇଓ ପ୍ରକାଶ ଚନ୍ଦ୍ର ମହାଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ରୂପେ ବରି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବ୍ଲକ ବିଜ୍ଞାନ ସଂଯୋଜକ ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇ ଏହି ବିଜ୍ଞାନ କୁଇଜ କେନ୍ଦ୍ର ସରକାରଙ୍କର ଏକ ଅଭିନବ ପ୍ରୟାସ, ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ଓ କୁନି କୁନି ବୈଜ୍ଞାନିକଙ୍କୁ ବାଛିବା ହିଁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ମୂଳମନ୍ତ୍ର ବୋଲି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଡ. ଅଂଶୁମାଧବ ପଣ୍ଡା, ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲିକ, ସିଆରସିସି ବିଦ୍ୟାଧର ମହାଳିକ, ସିଆରସିସି ରତ୍ନାକର ବାରିକ, ବ୍ଲକ ଓଷ୍ଟା ସଭାପତି ଭଗବାନ ବାରିକ, ସମ୍ପାଦକ ପ୍ରସନ୍ନ କୁମାର ଧଳ, ପୂର୍ବତନ ସଭାପତି କମଳାକାନ୍ତ ପତି, ରଘୁନାରାୟଣ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଝି ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନ ନାଟକ ମଞ୍ଚସ୍ଥ ହୋଇଥିଲା। ରଘୁନାରାୟଣ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ବିଆର୍‌ସି ବିଶ୍ୱମ୍ଭର ପଣ୍ଡା, ଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା, ବନମାଳୀ ନାୟକ, ସନ୍ଧ୍ୟାରାଣୀ ପାଣିଗ୍ରାହୀ ଓ କ୍ରିଷ୍ଣାରାଣୀ ଶିଅଳ ମଞ୍ଚ ସଞ୍ଚାଳନା କରିଥିଲେ। ଏବିଇଓ ଅଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଗହଣରେ ସମ୍ମାନିତ କୃତୀ ପ୍ରତିଯୋଗୀ।

## ୩ ବର୍ଷରେ ବିଡିଓ ପଦବୀରେ ୮ ଅଧିକାରୀ

### ଖଇରା ବ୍ଲକ

■ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ



ଖଇରା, ୧୩।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ୩ବର୍ଷରେ ୮ଜଣ ବିଡିଓ ଦାୟିତ୍ୱ ନେଇସାରିଲେଣି। ଯେଉଁଥିପାଇଁ ୩୬ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ୧ବର୍ଷ ପୂରିବା ପୂର୍ବରୁ ବହୁ ବିଡିଓଙ୍କୁ ଦାୟିତ୍ୱରୁ ଅପସାରଣ କରାଯିବ କିମ୍ବା ବଦଳି କରିଦିଆଯାଉଥିବା ଯୋଗୁ ଖଇରା ବ୍ଲକରେ କୌଣସି ଯୋଜନାର ସଫଳତା ଆଶା କ୍ଷୀଣ ହୋଇପଡୁଛି। ଏହାର ସୁଯୋଗ ନେଇ କନିଷ୍ଠଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀ ଦୀର୍ଘଦିନ ଧରି ଗୋଟିଏ ଗୋଟିଏ ପଞ୍ଚାୟତରେ ରହି ହିତାଧିକାରୀଙ୍କୁ ଶୋଷଣ କରୁଥିବା ବିଭିନ୍ନ ବୈଠକରେ ହିତାଧିକାରୀ ଓ ଲୋକପ୍ରତିନିଧିମାନେ ଅଭିଯୋଗ କରିଆସୁଛନ୍ତି । ଏଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଖଇରା ବ୍ଲକର ବିଭିନ୍ନ ସ୍ୱେଚ୍ଛାସେବୀ, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି।

ବିଡିଓ ଦେବେନ୍ଦ୍ର ବଳଙ୍କ କାର୍ଯ୍ୟକାଳ ଫେବୃଆରୀ ୨୦୨୦ରୁ ଅଗଷ୍ଟ ୨୦୨୦ ପର୍ଯ୍ୟନ୍ତ ରହିଥିବା ବେଳେ ଅତିରିକ୍ତ ବିଡିଓ ଶକ୍ତିପ୍ରସାଦ ପାଇକରାୟ ୨ଦିନ ବିଡିଓ ଦାୟିତ୍ୱରେ ରହିଥିଲେ। ପରେ ସିମୁଳିଆ ବିଡିଓ ନରହରି ବେହେରା ୨୦୨୦ ଅଗଷ୍ଟ ୨୮ରୁ ସେହିବର୍ଷ ଅକ୍ଟୋବର ବର୍ଷ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ପୁନଶ୍ଚ ଶକ୍ତି ପାଇକରାୟଙ୍କୁ ନୂଆ ବିଡିଓ ଆସିବା ପର୍ଯ୍ୟନ୍ତ ୨୧ଦିନ ଦାୟିତ୍ୱରେ ରହିଥିଲେ। ପରବର୍ତ୍ତୀ ବିଡିଓ ଭାବେ ପର୍ଶୁରାମ ପଣ୍ଡା ୨୦୨୦ ଅକ୍ଟୋବରରୁ ଯୋଗଦାନ ପରେ ୨୦୨୩ ଏପ୍ରିଲରେ ବଦଳି ହୋଇଯାଇଥିଲା। ପରବର୍ତ୍ତୀ ବିଡିଓ ଭାବେ ସିମୁଳିଆର ପୃଥ୍ୱୀରାଜ ପରିଡା ୧୫ଦିନ ବିଡିଓ ପଦବୀରେ ରହିଥିଲେ। ସେହିଭଳି ମେ' ୨୩ରେ ପରବର୍ତ୍ତୀ ଉତ୍ତରାଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଉତ୍ତମ କୁମାର ଜେନାଙ୍କର ଅକ୍ଟୋବର ୨୦୨୩ରେ ଅନ୍ୟତ୍ର ବଦଳି ହୋଇଥିଲା। ୨୦୨୩ ଅକ୍ଟୋବର ୨୫ରୁ ଅଦ୍ୟାବଧି କାର୍ଯ୍ୟ କରୁଥିବା ଅନନ୍ତ କୁମାର ହାଁସଦାଙ୍କର ବଦଳି ଆଦେଶ ଗୁରୁବାର ପହଞ୍ଚିବା ପରେ ବହୁ ଲୋକପ୍ରତିନିଧି ଓ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆଶ୍ଚର୍ଯ୍ୟର ବିଷୟ, ଖଇରା ବ୍ଲକକୁ କୌଣସି ବିଡିଓଙ୍କୁ ନିଯୁକ୍ତି ଦିଆ ନ ଯାଇ ହାଁସଦାଙ୍କ ବଦଳି ଖଇରା ବ୍ଲକ ବିକାଶରେ ବ୍ୟାଘାତ ସୃଷ୍ଟି କରିବା ନେଇ ସମ୍ଭାବନା ସୃଷ୍ଟି କରିଛି । ଖଇରାବାସୀ ବହୁ ଆଶାଭରସା ନେଇ ଜିତାଇଥିବା ଡବଲ ଇଞ୍ଜିନ ସରକାରଙ୍କ ଏଭଳି ଖାମଖିଆଲି ନିଷ୍ପତ୍ତି ବିରୋଧରେ ଖଇରା ଜନସାଧାରଣ ଆଗାମୀ ଦିନରେ ଏହାର ଜବାବ ଦେବେ ବୋଲି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା କହିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଭିଯୋଗ ଶୁଣାଣି ଶିବିର

ଖୁଣ୍ଟା(ଦେବରଞ୍ଜନ ବେହେରା)/ ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମହୁଆଳ), ୨୬।୯

ଗୋପବନ୍ଧୁ ନଗର ବ୍ଲକ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଧିକାରୀ ଭାବେ କପ୍ତିପଦା ଉପଖଣ୍ଡର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଝୁଲଣା ବାରସାଳିଆ, ଉପାଧ୍ୟକ୍ଷା ରଶ୍ମୀତା ଚୌଧୁରୀ , ବିଡ଼ିଓ କରୁଣାକର ଧିନ୍ଦା, ଏପିଓ ସୁନନ୍ଦା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମନରେଗା ମାଧ୍ୟମରେ ତ୍ୱରିତ ହେଉଥିବା ବିଭିନ୍ନ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ହିଁ ଏହି ଅଭିଯୋଗ ଶୁଣାଣିର ମୂଳ ଉଦ୍ଦେଶ୍ୟ ବୋଲି ପ୍ରକଳ୍ପ ପ୍ରଶାସକ ଖମାରୀ ସୂଚାଇଥିଲେ। ଏହି ଅବସରରେ ବ୍ଲକ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ପକ୍ଷରୁ ବ୍ଲକ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏ ପ୍ରକଳ୍ପ ଗୁଡ଼ିକରେ ଥିବା ଅଭିଯୋଗ ଗୁଡ଼ିକର ଶୁଣାଣି କରାଯାଇଥିଲା। ବ୍ଲକ ଅଧୀନରେ ମୋଟ ୧୨୮୦୫ ଜବକାର୍ଡଧାରୀ ପରିବାର ଥିବାବେଳେ ୪୨୮୩ ପରିବାରଙ୍କୁ ଏହି ମାଧ୍ୟମରେ କାର୍ଯ୍ୟ ଯୋଗାଇ ଦିଆଯାଇଛି। ସେହିପରି ବ୍ଲକ ଅଧୀନରେ ମୋଟ ୨୫୬୧ ଗୋଟି ପ୍ରକଳ୍ପର କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ସେ ମଧ୍ୟରୁ ୮୧୧ ଗୋଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ଯେଉଁଥିରେ ମୋଟ ୫୭୯.୪୫ ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ବେଳେ ଏଥିରୁ ମୋଟ ୧,୨୨୫୨୧ ଦିନର ଶ୍ରମଦିବସ ସୃଷ୍ଟି ହୋଇପାରିଛି । ସେଥି ମଧ୍ୟରୁ ୧୭ ଗୋଟି ପରିବାର ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜବକାର୍ଡଧାରୀ ଶ୍ରମିକ, ପିଇଓ, ଜିଆର୍‌ଏସ୍, ସରପଞ୍ଚ , ସମିତି ସଭ୍ୟମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ମନରେଗା ଆସିଷ୍ଟାଣ୍ଟ ଦିଲ୍ଲୀପ କୁମାର ଚକ୍ର , ବ୍ଲକ ସାମାଜିକ ସମୀକ୍ଷକ ପ୍ରବୀର ଦାସ ପ୍ରମୁଖ ପରିଚାଳନା କରିଥିଲେ।

